# ପ୍ରଥମୋଧ୍ୟାୟ

# ଶ୍ଲୋକ - ୧

||ଓଁ|| ଇଷେ ତ୍ୱୋର୍ଜେ ତ୍ୱା॑ ବାୟବ॑ସ୍ଥ ଦେବୋ ବ॑: ସବିତା ପ୍ରାର୍ପ॑ୟତୁ ଶ୍ରେଷ୍ଠ॑ତମାୟ କର୍ମ॑ଣ ଆପ୍ୟା॑ୟଧ୍ୱମଧ୍ନ୍ୟା ଇନ୍ଦ୍ରା॑ୟ ଭାଗଂ ପ୍ରଜାବତୀ॑ ରନମୀବା ଅ॑ୟକ୍ଷ୍ମା ମା ବ॑ ସ୍ତେନ ଈ॑ଶତ ମାଧଶ॑ó ସୋ ଧ୍ରୁବା ଅସ୍ମିନ୍ ଗୋପ॑ତୌ ସ୍ୟାତ ବହ୍ୱୀର୍ଯଜ॑ମାନସ୍ୟ ପଶୂନ୍ପା॑ହି || ୧-୧||

# ଶବ୍ଦାର୍ଥ

ଇଷେ = ଅନ୍ନପାଇଁ, ତ୍ୱା = (ହେ ମନୁଷ୍ୟ ! ସୂର୍ଯ୍ୟ ଦେବ) ତୁମକୁ, ଉର୍ଜେ = ଶକ୍ତି ପାଇଁ, ତ୍ୱା = ତୁମକୁ, ବାୟବ ସ୍ଥ = (ତୁମେ) ଆତ୍ମା ଅଟ, ଦେବ: = ଦେବତା, ବ: = ତୁମକୁ, ସବିତା = ସୂର୍ଯ୍ୟ, ପ୍ରାର୍ପୟତୁ = ପ୍ରେରିତ କରନ୍ତୁ, ଶ୍ରେଷ୍ଠତମାୟ = ଶ୍ରେଷ୍ଠତମ, କର୍ମଣେ = କର୍ମପାଇଁ, ଆପ୍ୟାୟଧ୍ୱଂ = (ଆଗକୁ) ବଢି ଚାଲ, ଅଧ୍ନ୍ୟା: = ଅମର, ଇନ୍ଦ୍ରାୟ = (ଶତ୍ରୁନ ଦୃଣାତି ଇତି ଇନ୍ଦ୍ର: ଅର୍ଥାତ୍ ଯେ ଶତ୍ରୁକୁ ନାଶ କରେ, ସେ ଇନ୍ଦ୍ର)ଇନ୍ଦ୍ରକୁ, ଭାଗଂ = ଭାଗ, ପ୍ରଜାବତୀ: = ସନ୍ତାନଯୁକ୍ତ, ଅନମୀବା: = ନୀରୋଗ, ଅୟକ୍ଷ୍ମା: = କ୍ଷୟରୋଗ ରହିତ, ମା = ନା, ବ: = ତୁମର, ସ୍ତେନ = ଚୋର, ଈଶତ = ସ୍ୱାମୀ, ମା = ନା, ଅଧଶଂସ: = ପାପୀ, ଧ୍ରୁବା = ସ୍ଥିର, ଅସ୍ମିନ୍ = ଏହି, ଗୋପତୌ = ପୃଥିବୀ ପାଳକଙ୍କ ଛତ୍ରଛାୟାରେ, ସ୍ୟାତ = ରୁହ, ବହ୍ୱୀ: (ସ୍ୟାତ) = ଆହୁରି ଅଧିକ ବଢ, ଯଜମାନସ୍ୟ = ଯଜମାନର, ପଶୂନ୍ = ପଶୁକୁ, ପାହି = ରକ୍ଷା କର

# ଅନ୍ୱୟାର୍ଥ

ତ୍ୱା ଇଷେ ତ୍ୱା ଉର୍ଜେ = (ହେ ମନୁଷ୍ୟ ! ସୂର୍ଯ୍ୟ ଦେବ) ତୁମକୁ ଅନ୍ନପାଇଁ ଓ ଶକ୍ତି ପାଇଁ (ପ୍ରେରିତ କରନ୍ତୁ) |

ବାୟବ ସ୍ଥ = (ତୁମେ) ଆତ୍ମା ଅଟ |

ସବିତା ଦେବ: ବ: ଶ୍ରେଷ୍ଠତମାୟ କର୍ମଣେ ପ୍ରାର୍ପୟତୁ = ସୂର୍ଯ୍ୟ ଦେବତା ତୁମକୁ ଶ୍ରେଷ୍ଠତମ କର୍ମପାଇଁ ପ୍ରେରିତ କରନ୍ତୁ |

ଆପ୍ୟାୟଧ୍ୱଂ = (ଆଗକୁ) ବଢି ଚାଲ |

ଅଧ୍ନ୍ୟା: = (ତୁମେ) ଅମର ଅଟ |

ଇନ୍ଦ୍ରାୟ ଭାଗଂ = (ଶତ୍ରୁନ ଦୃଣାତି ଇତି ଇନ୍ଦ୍ର: ଅର୍ଥାତ୍ ଯେ ଶତ୍ରୁକୁ ନାଶ କରେ, ସେ ଇନ୍ଦ୍ର) ଇନ୍ଦ୍ରକୁ (ତାଙ୍କ) ଭାଗ (ଦିଅ) |

ପ୍ରଜାବତୀ: ଅନମୀବା: ଅୟକ୍ଷ୍ମା: = ସନ୍ତାନଯୁକ୍ତ, ନୀରୋଗ, କ୍ଷୟରୋଗ ରହିତ (ହୁଅ) |

ସ୍ତେନ ବ: ମା ଈଶତ ଅଧଶଂସ: ମା = ଚୋର ଓ ପାପୀ (କେବେ ବି) ତୁମର ସ୍ୱାମୀ (ଅଧିପତି) ହୋଇ ନ ପାରନ୍ତୁ |

ଅସ୍ମିନ୍ ଗୋପତୌ ଧ୍ରୁବା ସ୍ୟାତ = ଏହି ପୃଥିବୀ ପାଳକଙ୍କ ଛତ୍ରଛାୟାରେ ଅବିଚଳିତ ରୁହ ଓ

ବହ୍ୱୀ: (ସ୍ୟାତ) = ଆହୁରି ଅଧିକ ବଢ |

ଯଜମାନସ୍ୟ ପଶୂନ୍ ପାହି = ଯଜମାନର ପଶୁକୁ ରକ୍ଷା କର |

# ଶ୍ଳୋକ ୨

ବସୋ॑: ପ୍ରବିତ୍ର॑ମସି ଦ୍ୟୌର॑ସି ପୃଥିବ୍ୟସି ମାତରିଶ୍ୱ॑ନୋ ଧର୍ମୋ॑ଽସି ବିଶ୍ୱଧା॑ ଅସି |

ପରମେଣ ଧାମ୍ନା ଦୃଠ ହ॑ସ୍ୱ ମା ହ୍ୱାର୍ମା ତେ॑ ଯଜ୍ଞପ॑ତିର୍ହ୍ୱାର୍ଷୀତ୍ ||୧-୨||

# ଶବ୍ଦାର୍ଥ

ବସୋ: = (ହେ ମନୁଷ୍ୟ! ତୁମେ) ବସୁଙ୍କୁ (ବାୟୁ, ଅଗ୍ନି, ପୃଥିବୀ, ଚନ୍ଦ୍ରମା, ନକ୍ଷତ୍ର, ଅନ୍ତରିକ୍ଷ, ଆଦିତ୍ୟ, ଦ୍ୟୌ ଏମାନେ ଆଠ ବସୁ), ପବିତ୍ରଂ = ପବିତ୍ରକାରକ, ଅସି = ଅଟ, ଦ୍ୟୌ: = ଦ୍ୟୁଲୋକ, ଅସି = ଅଟ, ପୃଥିବୀ = ପୃଥିବୀ, ଅସି = ଅଟ, ମାତରିଶ୍ୱନ: = (ତୁ) ପ୍ରାଣୀଙ୍କ, ଧର୍ମ: = ଉଷ୍ଣତା, ଅସି = ଅଟ, ବିଶ୍ୱଧା = ବିଶ୍ୱର ଧାରକ, ଅସି =ଅଟ, ପରମେଣ = ପରମ, ଧାମ୍ନା = ଧାମ ର (ସହଯୋଗ ରେ), ଦୃଠ ହସ୍ୱ = ଆଗେଇ ଯାଅ, ମା = ନା, ହ୍ୱା: = କୁଟିଳ (ହୁଅ), ମା = ନା, ତେ = ତୋର, ଯଜ୍ଞପତି: = ଯଜ୍ଞପତି, ହ୍ୱାର୍ଷୀତ୍ = କୁଟିଳ ହେଉ

# ଅନ୍ୱୟାର୍ଥ

ବସୋ: ପବିତ୍ରଂ ଅସି = (ହେ ମନୁଷ୍ୟ! ତୁମେ) ବସୁଙ୍କ (ବାୟୁ, ଅଗ୍ନି, ପୃଥିବୀ, ଚନ୍ଦ୍ରମା, ନକ୍ଷତ୍ର, ଅନ୍ତରିକ୍ଷ, ଆଦିତ୍ୟ, ଦ୍ୟୌ ଏମାନେ ଆଠ ବସୁ), ପବିତ୍ରକାରକ ଅଟ |

ଦ୍ୟୌ: ଅସି ପୃଥିବୀ ଅସି = (ତୁମେ) ଦ୍ୟୁଲୋକ ତଥା ପୃଥିବୀ ଅଟ |

ମାତରିଶ୍ୱନ: ଧର୍ମ: ଅସି ବିଶ୍ୱଧା ଅସି = (ତୁମେ) ପ୍ରାଣୀଙ୍କ ଉଷ୍ଣତା ଅଟ, ବିଶ୍ୱର ଧାରକ ଅଟ |

ପରମେଣ ଧାମ୍ନା ଦୃଠ ହସ୍ୱ = ପରମ ଧାମ ର (ସହଯୋଗ ରେ) ଆଗେଇ ଯାଅ |

ମା ହ୍ୱା: = କୁଟିଳ (ହୁଅ) ନହିଁ |

ତେ ଯଜ୍ଞପତି: ମା ହ୍ୱାର୍ଷୀତ୍ = ତୋର ଯଜ୍ଞପତି ବି କୁଟିଳ ନ ହେଉ |

# ଶ୍ଲୋକ ୩

ବସୋ॑: ପ୒ବିତ୍ର॑ମସି ଶ୒ତଧା॑ର୒ଂ ବସୋ॑: ପ୒ବିତ୍ର॑ମସି ସ୒ହ୒ସ୍ର॑ଧାରମ୍ |

ଦେ୒ବସ୍ତ୍ଵା॑ ସ୒ବି୒ତା ପୁ॑ନା୒ତୁ୒ ବସୋ॑: ପ୒ବିତ୍ରେ॑ଣ ଶ୒ତଧା॑ରେଣ ସୁ୒ପ୍ଵା କାମ॑ଧୁକ୍ଷ: ||୧-୩||

# ଶବ୍ଦାର୍ଥ

ବସୋ: = (ହେ ମନୁଷ୍ୟ! ତୁମେ) ବସୁଙ୍କୁ, ପବିତ୍ରଂ = ପବିତ୍ର କାରକ, ଅସି = ଅଟ, ଶତଧାରଂ = ଶହ ଶହ ଧାରାରେ, ବସୋ: = (ହେ ମନୁଷ୍ୟ! ତୁ) ବସୁଙ୍କୁ, ପବିତ୍ରଂ = ପବିତ୍ର କାରକ, ଅସି = ଅଟ, ସହସ୍ରଧାରଂ = ସହସ୍ର ଧାରାରେ, ଦେବ: = ଦେବତା, ତ୍ଵା = ତୁମକୁ, ସବିତା = ସୂର୍ଯ୍ୟ, ପୁନାତୁ = ପବିତ୍ର କରନ୍ତୁ, ବସୋ: = ବସୁଙ୍କୁ, ପବିତ୍ରେଣ = ପବିତ୍ରକାରୀ, ଶତଧାରେଣ = ଶହ ଶହ ଧାରାରେ, ସୁପ୍ଵା = ଭଲ କରି, କାଂ = (ତୁମେ) କେଉଁ (ଗାଇ ର), ଅଧୁକ୍ଷ: = (କ୍ଷୀର) ଦୁହିଁଛ

# ଅନ୍ଵୟାର୍ଥ

ବସୋ: ଶତଧାରଂ ପବିତ୍ରଂ ଅସି = (ହେ ମନୁଷ୍ୟ! ତୁମେ) ବସୁଙ୍କୁ ଶହ ଶହ ଧାରାରେ ପବିତ୍ର କାରକ ଅଟ |

ବସୋ: ସହସ୍ରଧାରଂ ପବିତ୍ରଂ ଅସି = (ହେ ମନୁଷ୍ୟ! ତୁମେ) ବସୁଙ୍କୁ ସହସ୍ର ଧାରାରେ ପବିତ୍ର କାରକ ଅଟ |

ଶତଧାରେଣ ବସୋ: ପବିତ୍ରେଣ ସବିତା ଦେବ: ସୁପ୍ଵା ତ୍ଵା ପୁନାତୁ = ଶହ ଶହ ଧାରାରେ ବସୁଙ୍କୁ ପବିତ୍ରକରୁଥିବା ସୂର୍ଯ୍ୟ ଦେବତା ତୁମକୁ ଭଲ କରି ପବିତ୍ର କରନ୍ତୁ |

କାଂ ଅଧୁକ୍ଷ: = (ତୁମେ) କେଉଁ (ଗାଇ ର) (କ୍ଷୀର) ଦୋହନ କରିଛ (ପାନ କରିଛ) ?

# ଶ୍ଲୋକ ୪

ସା ବି୒ଶ୍ଵାୟୁ୒: ସା ବି୒ଶ୍ଵକ॑ର୍ମା୒ ସା ବି୒ଶ୍ଵଧା॑ୟା: |

ଇନ୍ଦ୍ର॑ସ୍ୟ ତ୍ଵା ଭା୒ଗଗୁଂ ସୋ୒ମେ୒ନାତ॑ନଚ୍ମି୒ ବିଷ୍ଣୋ॑ ହ୒ବ୍ୟଗୁଂ ର॑କ୍ଷ ||୧-୪||

# ଶବ୍ଦାର୍ଥ

ସା = ସେ (କାମଧେନୁ), ବିଶ୍ଵାୟୁ: = ପୂର୍ଣ୍ଣ ଆୟୁଷ ରୂପା, ସା = ସେ, ବିଶ୍ଵକର୍ମା = ବିଶ୍ଵର ସ୍ରଷ୍ଟା, ସା = ସେ, ବିଶ୍ଵଧାୟା: = ସେ, ଇନ୍ଦ୍ରସ୍ୟ =

ଇନ୍ଦ୍ରର, ତ୍ୱା = ତୁମ, ଭାଗଂ = ଭାଗକୁ, ସୋମେନ = ସୋମ (ରସ) ଦ୍ୱାରା, ଆତନଚ୍ମି = ପଲ୍ଲବିତ ଓ ବିସ୍ତୃତ କରୁଛି, ବିଷ୍ଣୋ = ହେ ବିଷ୍ଣୁ!, ହବ୍ୟଂ = (ଏଇ) ହବନ ସାମଗ୍ରୀ କୁ, ରକ୍ଷ = ରକ୍ଷା କର

## ଅନ୍ୱୟାର୍ଥ

ସା ବିଶ୍ୱାୟୁ: ସା ବିଶ୍ୱକର୍ମା ସା ବିଶ୍ୱଧାୟା: = ସେ (କାମଧେନୁ) ପୂର୍ଣ ଆୟୁଷ ରୂପା, ବିଶ୍ୱର ସ୍ରଷ୍ଟା ଓ ସର୍ବଧାରକଶକ୍ତି ରୂପା ଅଟେ |

ତ୍ୱା ଇନ୍ଦ୍ରସ୍ୟ ଭାଗଂ ସୋମେନ ଆତନଚ୍ମି = ଇନ୍ଦ୍ରର ଭାଗକୁ (ମୁଁ) ସୋମ (ରସ) ଦ୍ୱାରା ପଲ୍ଲବିତ ଓ ବିସ୍ତୃତ କରୁଛି |

ବିଷ୍ଣୋ ହବ୍ୟଂ ରକ୍ଷ = ହେ ବିଷ୍ଣୁ! (ଏଇ) ହବନ ସାମଗ୍ରୀ କୁ ରକ୍ଷା କର |

## ଶ୍ଳୋକ ୫

ଅଗ୍ନେ॑ ବ୍ରତପତେ ବ୍ରୃତଂ ଚ॑ରିଷ୍ୟାମି ତଚ୍ଛ॑କେୟଂ ତନ୍ମେ॑ ରାଧ୍ୟତାମ୍ |

ଇଦମ୍ହମନୃ॑ତାତ୍ସତ୍ୟମୁପୈ॑ମି ||ୟଜୁ ୧-୫||

## ଶବ୍ଦାର୍ଥ

ଅଗ୍ନେ = ଅଗ୍ନି !, ବ୍ରତପତେ = (ହେ) ବ୍ରତ ପାଳନ କରୁଥିବା, ବ୍ରତଂ = ବ୍ରତ, ଚରିଷ୍ୟାମି = ଆଚରଣ କରିବି, ତତ୍ = ସେହି, ଶକେୟଂ = (ମୋ ଦ୍ୱାରା) ସମ୍ଭବ ହେଉ, ତତ୍ = ସେହି, ମେ = ମୋର, ରାଧ୍ୟତାମ୍ = ସିଦ୍ଧ ହେଉ, ଇଦଂ = ଏହି, ଅହଂ = ମୁଁ, ଅନୃତାତ = ମିଥ୍ୟା କୁ ଛାଡି, ସତ୍ୟଂ = ସତ୍ୟ ର, ଉପୈମି = ପାଖକୁ ଯାଉଛି

## ଅନ୍ୱୟାର୍ଥ

ବ୍ରତପତେ ଅଗ୍ନେ ବ୍ରତଂ ଚରିଷ୍ୟାମି = (ହେ) ବ୍ରତ ପାଳନ କରୁଥିବା ଅଗ୍ନି ! (ମୁଁ) ବ୍ରତ ଆଚରଣ କରିବି |

ତତ୍ ଶକେୟଂ = ତାହା (ବ୍ର ତାଚରଣ) (ମୋ ଦ୍ୱାରା) ସମ୍ଭବ ହେଉ |

ତତ୍ ମେ ରାଧ୍ୟତାମ୍ = ତାହା (ବ୍ର ତାଚରଣ) ମୋ ଦ୍ୱାରା ସିଦ୍ଧ ହେଉ |

ଅହଂ ଇଦଂ ଅନୃତାତ ସତ୍ୟଂ ଉପୈମି = ମୁଁ ଏହି ମିଥ୍ୟା କୁ ଛାଡି ସତ୍ୟ ର ପାଖକୁ ଯାଉଛି |

# ଶ୍ଳୋକ ୬

କସ୍ତ୍ୱା॑ ଯୁନକ୍ତି॒ ସ ତ୍ୱା॑ ଯୁନକ୍ତି॒ କସ୍ମୈ॑ ତ୍ୱା ଯୁନକ୍ତି॒ ତସ୍ମୈ॑ ତ୍ୱା ଯୁନକ୍ତି॒ | କର୍ମ॑ଣେ ବା॒ଂ ବେଷା॑ୟ ବାମ୍ ||ଯଜୁ ୧-୬||

# ଶବ୍ଦାର୍ଥ

କ: = କିଏ, ତ୍ୱା = ତୁମକୁ, ଯୁନକ୍ତି = ପ୍ରବୃତ୍ତ କରେ, ସ = ସେ, ତ୍ୱା = ତୁମକୁ, ଯୁନକ୍ତି = ପ୍ରବୃତ୍ତ କରେ, କସ୍ମୈ = କେଉଁ କାମ ପାଇଁ, ତ୍ୱା = ତୁମକୁ, ଯୁନକ୍ତି = ପ୍ରବୃତ୍ତ କରେ, ତସ୍ମୈ = ସେହି କାମ ପାଇଁ, ତ୍ୱା = ତୁମକୁ, ଯୁନକ୍ତି = ପ୍ରବୃତ୍ତ କରେ, |

କର୍ମଣେ = କର୍ମ ପାଇଁ (ପୁରୁଷାର୍ଥ ପାଇଁ), ବାଂ = ତୁମ ଦୁହିଙ୍କୁ (ଜ୍ଞାନୀ ଓ ଅଜ୍ଞାନୀ କୁ), ବେଷାୟ = ଘରେ ପ୍ରବେଶ କରିବାକୁ (ପରମାତ୍ମା ପ୍ରାପ୍ତି ପାଇଁ), ବାମ୍ = ତୁମ ଦୁହିଙ୍କୁ (ପ୍ରବୃତ୍ତ କରୁଛି)

# ଅନ୍ୱୟାର୍ଥ

କ: ତ୍ୱା ଯୁନକ୍ତି = କିଏ ତୁମକୁ ପ୍ରବୃତ୍ତ କରେ ?

ସ ତ୍ୱା ଯୁନକ୍ତି = ସେ ତୁମକୁ ପ୍ରବୃତ୍ତ କରେ |

କସ୍ମୈ ତ୍ୱା ଯୁନକ୍ତି = କେଉଁ କାମ ପାଇଁ ତୁମକୁ ପ୍ରବୃତ୍ତ କରେ ?

ତସ୍ମୈ ତ୍ୱା ଯୁନକ୍ତି = ସେହି କାମ ପାଇଁ ତୁମକୁ ପ୍ରବୃତ୍ତ କରେ |

କର୍ମଣେ ବାଂ ବେଷାୟ ବାମ୍ = କର୍ମ ପାଇଁ (ପୁରୁଷାର୍ଥ ପାଇଁ) ତୁମ ଦୁହିଙ୍କୁ (ଜ୍ଞାନୀ ଓ ଅଜ୍ଞାନୀ କୁ) ଘରେ ପ୍ରବେଶ କରିବାକୁ (ପରମାତ୍ମା ପ୍ରାପ୍ତି ପାଇଁ) ତୁମ ଦୁହିଙ୍କୁ (ପ୍ରବୃତ୍ତ କରୁଛି) |

# ଶ୍ଳୋକ ୭

ପ୍ରତ୍ୟୁ॑ଷ୍ଟ॒ꣳ ର॒କ୍ଷ॒: ପ୍ରତ୍ୟୁ॑ଷ୍ଟା॒ ଅରା॑ତୟୋ॒ ନିଷ୍ଟ॑ପ୍ତ॒ꣳ ର॒କ୍ଷୋ॒ ନିଷ୍ଟ॑ପ୍ତା॒ ଅରା॑ତୟ॒: |

ଉ॒ର୍ବ॑ନ୍ତରି॑କ୍ଷ॒ମନ୍ୱେ॑ମି ||୧-୭||

# ଶବ୍ଦାର୍ଥ

ପ୍ରତ୍ୟୁଷ୍ଟଂ = ପରାଭୂତ ହେଲେ, ରକ୍ଷ: = ରାକ୍ଷସ (ଦୁଷ୍ଟ), ପ୍ରତ୍ୟୁଷ୍ଟା: = ପରାଭୂତ (ନିଷ୍ପ୍ରଭ) ହେଲେ, ଅରାତୟ: = ଅନୁଦାର (ଆତତାୟୀ), ନିଷ୍ଟପ୍ତଂ = ଭସ୍ମ ହୋଇ ଗଲେ, ରକ୍ଷ: = ରାକ୍ଷସ, ନିଷ୍ଟପ୍ତା: = ଭସ୍ମ ହୋଇ ଗଲେ, ଅରାତୟ: = ଅନୁଦାର ଲୋକ, ଉରୁ = ବିସ୍ତୃତ, ଅନ୍ତରିକ୍ଷଂ = ଅନ୍ତରିକ୍ଷ ରେ, ଅନ୍ବେମି = ପ୍ରବେଶ କରୁଛି

# ଅନ୍ୱୟାର୍ଥ

ରକ୍ଷ: ପ୍ରତ୍ୟୁଷ୍ଟଂ = ରାକ୍ଷସ (ଦୁଷ୍ଟ) ପରାଭୂତ ହେଲେ |

ଅରାତୟ: ପ୍ରତ୍ୟୁଷ୍ଟା: = ଅନୁଦାର (ଆତତାୟୀ) ଲୋକ ପରାଭୂତ (ନିଷ୍ପ୍ରଭ) ହେଲେ |

ରକ୍ଷ: ନିଷ୍ଟପ୍ତଂ = ରାକ୍ଷସ ଭସ୍ମ ହୋଇ ଗଲେ |

ଅରାତୟ: ନିଷ୍ଟପ୍ତା: = ଅନୁଦାର ଲୋକ ଭସ୍ମ ହୋଇ ଗଲେ |

ଉରୁ ଅନ୍ତରିକ୍ଷଂ ଅନ୍ବେମି = (ମୁଁ) ବିସ୍ତୃତ ଅନ୍ତରିକ୍ଷ ରେ ପ୍ରବେଶ କରୁଛି |

# ଶ୍ଳୋକ ୮

ଧୂରସି ଧୂର୍ବ ଧୂର୍ବନ୍ତଂ ଧୂର୍ବ ତଂ ୟୋଽସ୍ମାନ୍‌ଧୂର୍ବତି ତଂ ଧୂର୍ବ ଯଂ ବୟଂ ଧୂର୍ବାମ: |ଦେବାନାମସି ବହ୍ନିତମ ୦ ସସ୍ନିତମଂ ପ୍ରାପ୍ରିତମଂ ଜୁଷ୍ଟତମଂ ଦେବହୁତମମ୍ ||୧-୮||

# ଶବ୍ଦାର୍ଥ

ଧୂ: = (ହେ ମାନବ ! ତୁମେ ) ବିନାଶକ (ଭସ୍ମକାରୀ), ଅସି = ଅଟ, ଧୂର୍ବ = ବିନାଶ କର, ଧୂର୍ବନ୍ତଂ = ବିନାଶକାରୀ କୁ (ଦୁଷ୍ଟ କୁ), ଧୂର୍ବ = ବିନାଶ କର, ତଂ = ତାକୁ, ୟ: = ଯେ, ଅସ୍ମାନ୍ = ଆମର, ଧୂର୍ବତି = ବିନାଶ କରେ, ତଂ = ତାକୁ, ଧୂର୍ବ = ବିନାଶ କର, ଯଂ = ଯାହାକୁ, ବୟଂ = ଆମେ, ଧୂର୍ବାମ: = ନଷ୍ଟ କରିବାକୁ ଇଛା କରୁ, ଦେବାନାଂ = ଦେବଙ୍କ, ଅସି = ଅଟ, ବହ୍ନିତମଂ = ଶ୍ରେଷ୍ଠତମ, ସସ୍ନିତମଂ = ଶୁଦ୍ଧକାରୀ, ପ୍ରାପ୍ରିତମଂ = ପୂର୍ଣତା ପ୍ରଦାୟକ, ଜୁଷ୍ଟତମଂ = ଅତି ଆପଣାର, ଦେବହୁତମମ୍ = ଦେବତାଙ୍କ (ତୁମେ) ଆହ୍ୱାନକାରୀ

# ଅନ୍ୱୟାର୍ଥ

ଧୂ: ଅସି = (ହେ ମାନବ ! ତୁମେ ) ବିନାଶକ (ଭସ୍ମକାରୀ) ଅଟ |

ଧୂର୍ବନ୍ତଂ ଧୂର୍ବ = ବିନାଶକାରୀ କୁ (ଦୁଷ୍ଟ କୁ) ବିନାଶ କର |

ୟ: ଅସ୍ମାନ୍ ଧୂର୍ବତି ତଂ ଧୂର୍ବ = ଯେ ଆମର ବିନାଶ କରେ ତାକୁ (ତୁମେ) ବିନାଶ କର |

ଯଂ ବୟଂ ଧୂର୍ବାମ: ତଂ ଧୂର୍ବ = ଯାହାକୁ ଆମେ ନଷ୍ଟ କରିବାକୁ ଇଛା କରୁ ତାକୁ ବିନାଶ କର |

ଦେବାନାଂ ବହ୍ନିତମଂ ସସ୍ନିତମଂ ପ୍ରାପ୍ରିତମଂ ଜୁଷ୍ଟତମଂ ଦେବହୁତମଂ ଅସି = (ତୁମେ) ଦେବଙ୍କ ଶ୍ରେଷ୍ଠ ବାହନ, ଶୁଦ୍ଧକାରୀ, ପୂର୍ଣତା ପ୍ରଦାୟକ, ଅତି ଆପଣାର, ଦେବତାଙ୍କ (ତୁମେ) ଆହ୍ୱାନକାରୀ ଅଟ |

# ଶ୍ଲୋକ ୯

ଅହ୍ରୁତମସି ହବିର୍ଧାନଂ ଦୃó ହସ୍ୱ ମା ହ୍ୱାର୍ମା ତେ ଯଜ୍ଞପତିର୍ହ୍ୱାର୍ଷୀତ୍ |

ବିଷ୍ଣୁସ୍ତ୍ୱା କ୍ରମତାମୁରୁବାତାୟାପହତ ó ରକ୍ଷୋ ଯଚ୍ଛନ୍ତାଂ ପଞ୍ଚ ||୧-୯||

# ଶବ୍ଦାର୍ଥ

ଅହ୍ରୁତଂ = ଅକୁଟିଳ, ଅସି = ଅଟ, ହବିର୍ଧାନଂ = ହବି ଭାଗ ର (ଧାରଣ କର୍ତା), ଦୃଂହସ୍ୱ = (ତୁ) ସୁଦୃଢ ହୁଅ, ମା = ନା, ହ୍ୱା: = କୁଟିଳ, ମା = ନା, ତେ = ତୁମର, ଯଜ୍ଞପତି: = ଯଜ୍ଞପତି, ହ୍ୱାର୍ଷୀତ୍ = କୁଟିଳ ହୁଅନ୍ତୁ, ବିଷ୍ଣୁ: = ବିଷ୍ଣୁ, ତ୍ୱା = ତୁମ ଉପରେ, କ୍ରମତାଂ = ଆରୁଢ ହୁଅନ୍ତୁ, ଉରୁ = ବିସ୍ତୃତ ସ୍ଥାନ ରେ ଘୂରି ବୁଲ, ବାତାୟ = ବାୟୁ ପାଇଁ, ଅପହତଂ = ଦୂର, ରକ୍ଷ: = ରାକ୍ଷସ, ଯଚ୍ଛନ୍ତାଂ = ନିବିଡ ଭାବେ ଧରି ରଖ, ପଞ୍ଚ = ପାଞ୍ଚ କୁ

# ଅନ୍ୱୟାର୍ଥ

ଅହ୍ରୁତଂ ହବିର୍ଧାନଂ ଅସି = (ହେ ମନୁଷ୍ୟ ! ତୁମେ) ଅକୁଟିଳ ଓ ହବି ଭାଗ ର (ଧାରଣ କର୍ତା) ଅଟ |

ଦୃଂହସ୍ୱ ମା ହ୍ୱା: = (ତୁ) ସୁଦୃଢ ହୁଅ, କୁଟିଳ ହୁଅ ନାହିଁ |

ତେ ଯଜ୍ଞପତି: ମା ହ୍ୱାର୍ଷୀତ୍ = ତୁମର ଯଜ୍ଞପତି କୁଟିଳ ହୁଅନ୍ତୁ ନାହିଁ |

ବିଷ୍ଣୁ: ତ୍ୱା କ୍ରମତାଂ = ବିଷ୍ଣୁ ତୁମ ଉପରେ ଆରୁଢ ହୁଅନ୍ତୁ |

ବାତାୟ ଉରୁ = ବାୟୁ ପାଇଁ ବିସ୍ତୃତ ସ୍ଥାନ ରେ ଘୂରି ବୁଲ |

ରକ୍ଷ: ଅପହତଂ = ରାକ୍ଷସ ଦୂର ହୁଅ |

ପଞ୍ଚ ଯଚ୍ଛନ୍ତାଂ = ପାଞ୍ଚ (କର୍ମେନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ, ମନ, ବୁଦ୍ଧି, ଆତ୍ମା) କୁ (ସାଧନ ଦ୍ୱାରା) ନିବିଡ ଭାବେ ଧରି ରଖ |

# ଶ୍ଲୋକ ୧୦

ଦେବସ୍ୟ ତ୍ୱା ସବିତୁ: ପ୍ରସବେଽଶ୍ୱିନୋର୍ବାହୁଭ୍ୟାଂ ପୁଷ୍ଣୋ ହସ୍ତାଭ୍ୟାମ୍ |

ଅଗ୍ନୟେ ଜୁଷ୍ଟଂ ଗୃହ୍ଣାମ୍ୟଗ୍ନିସୋମାଭ୍ୟାଂ ଜୁଷ୍ଟଂ ଗୃହ୍ଣାମି ||୧-୧୦||

# ଶବ୍ଦାର୍ଥ

ଦେବସ୍ୟ = ଦେବଙ୍କ, ତ୍ୱା = ତୁମକୁ, ସବିତୁ: = ସମସ୍ତଙ୍କ ଉତ୍ପନ୍ନ କାରୀ, ପ୍ରସବେ = ପ୍ରସୂତି ରୂପୀ ସୃଷ୍ଟି ରେ, ଅଶ୍ୱିନୋ: = ଅଶ୍ୱିନୀଙ୍କ, ବାହୁଭ୍ୟାଂ = ବାହୁରେ, ପୁଷ୍ଣୋ: = ପୂଷା ର, ହସ୍ତାଭ୍ୟାମ୍ = ହାତରେ, ଅଗ୍ନୟେ = ଅଗ୍ନିକୁ, ଜୁଷ୍ଟଂ = ପ୍ରିୟ, ଗୃହ୍ଣାମି = ଗ୍ରହଣ କରୁଛି, ଅଗ୍ନିସୋମାଭ୍ୟାଂ = ଅଗ୍ନି ଓ ସୋମ କୁ, ଜୁଷ୍ଟଂ = ପ୍ରିୟ, ଗୃହ୍ଣାମି = ଗ୍ରହଣ କରୁଛି

# ଅନ୍ୱୟାର୍ଥ

ସବିତୁ: ଦେବସ୍ୟ ପ୍ରସବେ = ସମସ୍ତଙ୍କ ଉତ୍ପନ୍ନ କାରୀ ଦେବଙ୍କ ପ୍ରସୂତି ରୂପୀ ସୃଷ୍ଟି ରେ

ଅଶ୍ୱିନୋ: ବାହୁଭ୍ୟାଂ ପୁଷ୍ଣୋ: ହସ୍ତାଭ୍ୟାମ୍ ତ୍ୱା = ଅଶ୍ୱିନୀଙ୍କ ବାହୁରେ ତଥା ପୂଷା ର ହାତରେ ତୁମକୁ (ଧାରଣ କରୁଛି) |

ଅଗ୍ନୟେ ଜୁଷ୍ଟଂ ଗୃହ୍ଣାମି = ଅଗ୍ନିକୁ ଯାହା ପ୍ରିୟ ଲାଗେ ତାକୁ ଗ୍ରହଣ କରୁଛି |

ଅଗ୍ନିସୋମାଭ୍ୟାଂ ଜୁଷ୍ଟଂ ଗୃହ୍ଣାମି = ଅଗ୍ନି ଓ ସୋମ କୁ ଯାହା ପ୍ରିୟ ଲାଗେ ତାକୁ ଗ୍ରହଣ କରୁଛି |

# ଶ୍ଲୋକ ୧୧

ଭୂତାୟ ତ୍ୱା ନାରାତୟେ ସ୍ୱରଭିବିଖ୍ୟେଷଂ ଦୃଂହନ୍ତାଂ ଦୁର୍ୟା: ପୃଥିବ୍ୟାମୁର୍ବନ୍ତରିକ୍ଷମନ୍ୱେମି ପୃଥିବ୍ୟାସ୍ତ୍ୱା ନାଭୌ ସାଦୟାମ୍ୟଦିତ୍ୟା ଉପସ୍ଥେଽଗ୍ନେ ହବ୍ୟଂ ରକ୍ଷ ||୧-୧୧||

# ଶବ୍ଦାର୍ଥ

ଭୂତାୟ = ଉନ୍ନତି ପାଇଁ, ତ୍ୱା = ତୁମକୁ (ଉତ୍ପନ୍ନ କରା ଯାଇଛି), ନ = ନା, ଅରାତୟେ = ଅନୁଦାରତା ପାଇଁ, ସ୍ୱ: = ମୋତେ, ଅଭିବିଖ୍ୟେଷଂ = ଆତ୍ମପ୍ରକାଶ, ଦୃଂହନ୍ତାଂ = ଦୃଢ ରହୁ, ଦୁର୍ୟା: = ଦ୍ୱାର ରେ, ପୃଥିବ୍ୟାଂ = ଭୂମି ଉପରର, ଉରୁ = ବିସ୍ତୃତ, ଅନ୍ତରିକ୍ଷଂ = ଅନ୍ତରିକ୍ଷ ରେ, ଅନ୍ୱେମି = ଅନୁକୂଳତା ପୂର୍ବକ ଚାଲି ଯାଉଛି, ପୃଥିବ୍ୟା: = ପୃଥିବୀ ର, ତ୍ୱା = ତୁମକୁ, ନାଭୌ = ନାଭୀରେ (ମଧ୍ୟ ଭାଗରେ), ସାଦୟାମି = ଉପବେସନ କରାଉଛି, ଅଦିତ୍ୟା: = ସ୍ୱତନ୍ତ୍ରତା, ଉପସ୍ଥେ = ନିକଟରେ, ଅଗ୍ନେ = ହେ ଅଗ୍ନି !, ହବ୍ୟଂ = ହବି ର, ରକ୍ଷ = ରକ୍ଷା କର

# ଅନ୍ୱୟାର୍ଥ

ଭୂତାୟ ତ୍ୱା ନ ଅରାତୟେ = ଉନ୍ନତି ପାଇଁ ତୁମକୁ (ଉତ୍ପନ୍ନ କରା ଯାଇଛି), ଅନୁଦାରତା ପାଇଁ ନୁହେଁ |

ସ୍ୱ: ଅଭିବିଖ୍ୟେଷଂ = ମୋତେ ଆତ୍ମପ୍ରକାଶ ଗୋଚର ହେଉଛି |

ପୃଥିବ୍ୟାଂ ଦୁର୍ଯା: ଦୃଂହନ୍ତାଂ = ଭୂମି ଉପରସ୍ଥ ଦ୍ୱାର ଦୃଢ ରହୁ |

ଉରୁ ଅନ୍ତରିକ୍ଷଂ ଅନ୍ୱେମି = ବିସ୍ତୃତ ଅନ୍ତରିକ୍ଷ ରେ ଅନୁକୂଳତା ପୂର୍ବକ ଚାଲି ଯାଉଛି |

ପୃଥିବ୍ୟା: ନାଭୌ ଅଦିତ୍ୟା: ଉପସ୍ଥେ ତ୍ୱା ସାଦୟାମି = ପୃଥିବୀ ର ମଧ୍ୟ ଭାଗରେ, ସ୍ୱତନ୍ତ୍ରତା ର ନିକଟରେ ତୁମକୁ ଉପବେସନ କରାଉଛି |

ଅଗ୍ନେ ହବ୍ୟଂ ରକ୍ଷ = ହେ ଅଗ୍ନି ! ହବି ର ରକ୍ଷା କର |

# ଶ୍ଳୋକ ୧୨

ପ୍ରବିତ୍ରେ॑ ସ୍ଥୋ ବୈଷ୍ଣବ୍ୟୌ ସବିତୁର୍ବ॑: ପ୍ରସବ ଉତ୍ପୁ॑ନାମ୍ୟଛି॑ଦ୍ରେଣ ପ୍ରବିତ୍ରେ॑ଣ ସୂର୍ଯ୍ୟ॑ସ୍ୟ ରଶ୍ମିଭି॑: |

ଦେବୀ॑ରାପୋ ଅଗ୍ରେଗୁବୋ ଅଗ୍ରେପୁବୋ଼ଗ୍ର॑ ଇମମଦ୍ୟ ଯଜ୍ଞଂ ନ॑ୟତାଗ୍ରେ॑ ଯଜ୍ଞପ॑ତିô ସୁଧାତୁଂ॑ ଯଜ୍ଞପ॑ତିଂ ଦେବୟୁବ॑ମ୍ ||୧-୧୨||

# ଶବ୍ଦାର୍ଥ

ପବିତ୍ରେ = ପବିତ୍ର କାରୀ, ସ୍ଥୋ = ଅଟ, ବୈଷ୍ଣବ୍ୟୌ = ବିଷ୍ଣୁ ଙ୍କ, ସବିତୁ: = ସୃଜନ କର୍ତ୍ତା ଦେବଙ୍କ, ବ: = ତୁମକୁ, ପ୍ରସବେ = ସୃଷ୍ଟି ରେ, ଉତ୍ପୁନାମି = ଭଲଭାବେ ପବିତ୍ର କରୁଛି, ଅଛିଦ୍ରେଣ = ଛିଦ୍ର ରହିତ, ପବିତ୍ରେଣ = ପବିତ୍ର, ସୂର୍ଯ୍ୟସ୍ୟ = ସୂର୍ଯ୍ୟଙ୍କ, ରଶ୍ମିଭି: = ରଶ୍ମି ଦ୍ୱାରା, ଦେବୀ: = ଦିବ୍ୟ, ଆପ: = ଜଳ, ଅଗ୍ରେଗୁବ: = ଅଗ୍ରଗାମୀ, ଅଗ୍ରେପୁବ: = ପ୍ରଥମେ ପବିତ୍ର କାରକ, ଅଗ୍ରେ = ଆଗେଇ, ଇମଂ = ଏଇ, ଅଦ୍ୟ = ଆଜି, ଯଜ୍ଞଂ = ଯଜ୍ଞକୁ, ନୟତ= ନେଉଛି, ଅଗ୍ରେ = ଆଗକୁ, ଯଜ୍ଞପତିଂ = ଯଜ୍ଞର ପାଳନକର୍ତ୍ତା, ସୁଧାତୁଂ = ଶ୍ରେଷ୍ଠ ଧାତୁ ଯୁକ୍ତ, ଯଜ୍ଞପତିଂ = ଯଜମାନ କୁ, ଦେବୟୁବମ୍ = ଦେବତାଙ୍କୁ ଭକ୍ତି କରୁଥିବା

# ଅନ୍ୱୟାର୍ଥ

ବୈଷ୍ଣବ୍ୟୌ ପବିତ୍ରେ ସ୍ଥୋ = (ତୁମେ ଦୁହେଁ) ବିଷ୍ଣୁ ଙ୍କ ପବିତ୍ର କାରୀ ଶକ୍ତି ର ସାଧନ ଅଟ |

ସବିତୁ: ପ୍ରସବେ ଅଛିଦ୍ରେଣ ପବିତ୍ରେଣ ସୂର୍ଯ୍ୟସ୍ୟ ରଶ୍ମିଭି: ବ: ଉତ୍ପୁନାମି = ସୃଜନ କର୍ତ୍ତା ଦେବଙ୍କ ସୃଷ୍ଟି ରେ ଛିଦ୍ର ରହିତ ସୂର୍ଯ୍ୟଙ୍କ ରଶ୍ମି ଦ୍ୱାରା ତୁମକୁ ଭଲଭାବେ ପବିତ୍ର କରୁଛି |

ଦେବୀ: ଆପ: = (ହେ) ଦିବ୍ୟ ଜଳ ସମୂହ !

ଅଗ୍ରେଗୁବ: ଅଗ୍ରେପୁବ: = (ତୁମେ) ଅଗ୍ରଗାମୀ, ପ୍ରଥମେ ପବିତ୍ର କାରକ ଅଟ |

ଅଦ୍ୟ ଇମଂ ଯଜ୍ଞଂ ଅଗ୍ରେ ନୟତ = ଆଜି ଏଇ ଯଜ୍ଞକୁ = ଆଗେଇ ନେଇ ଚାଲ |

ଯଜ୍ଞପତିଂ ସୁଧାତୁଂ ଦେବଯୁବମ୍ ଯଜ୍ଞପତିଂ ଅଗ୍ରେ ନୟତ = ଯଜ୍ଞର ପାଳନକର୍ତ୍ତା ଶ୍ରେଷ୍ଠ ଧାତୁ ଯୁକ୍ତ ଦେବତାଙ୍କୁ ଭକ୍ତି କରୁଥିବା ଯଜମାନ କୁ ଆଗେଇ ନିଅ |

# ଶ୍ଳୋକ ୧୩

ଯୁ॒ଷ୍ମା ଇନ୍ଦ୍ରୋ॑ଽବୃଣୀତ ବୃ॒ତ୍ରତୁ॒ର୍ୟ୍ୟେ॑ ଯୁ॒ୟମିନ୍ଦ୍ରମବୃଣୀଧ୍ୱଂ ବୃ॒ତ୍ରତୂ॒ର୍ୟ୍ୟେ॒ ପ୍ରୋକ୍ଷି॑ତା ସ୍ଥ |

ଅ॒ଗ୍ନୟେ॑ ତ୍ୱା॒ ଜୁଷ୍ଟଂ॒ ପ୍ରୋକ୍ଷା॑ମ୍ୟ॒ଗ୍ନୀଷୋମା॑ଭ୍ୟାଂ ତ୍ୱା॒ ଜୁଷ୍ଟଂ॒ ପ୍ରୋକ୍ଷା॑ମି॒ |

ଦୈବ୍ୟା॑ୟ॒ କର୍ମ॑ଣେ ଶୁନ୍ଧଧ୍ୱଂ ଦେବ॒ଯଜ୍ୟା॒ୟୈ॒ ଯଦ୍ୱୋଽଶୁ॑ଦ୍ଧା: ପରା॒ଜ॒ଘ୍ନୁ॒ରି॒ଦଂ ବସ୍ତଚ୍ଛୁନ୍ଧାମି ||୧-୧୩||

# ଶବ୍ଦାର୍ଥ

ଯୁଷ୍ମା = ତୁମକୁ, ଇନ୍ଦ୍ର: = ଇନ୍ଦ୍ର, ଅବୃଣୀତ = ସ୍ୱୀକୃତ କରିଥିଲେ, ବୃତ୍ରତୁର୍ୟ୍ୟେ = ବୃତ୍ରହତ୍ୟା ସମୟରେ, ଯୁୟଂ = ତୁମେ, ଇନ୍ଦ୍ରଂ = ଇନ୍ଦ୍ର କୁ, ଅବୃଣୀଧ୍ୱଂ = ବରଣ କରିଥିଲ, ବୃତ୍ରତୂର୍ୟ୍ୟେ = ବୃତ୍ରହତ୍ୟା ସମୟରେ, ପ୍ରୋକ୍ଷିତା: ସ୍ଥ = ପବିତ୍ର ହୋଇଥିଲ, ଅଗ୍ନୟେ = ଅଗ୍ନି କୁ,ତ୍ୱା = ତୁମକୁ, ଜୁଷ୍ଟଂ = ପ୍ରିୟ, ପ୍ରୋକ୍ଷାମି = ପବିତ୍ର କରୁଛି, ଅଗ୍ନୀଷୋମାଭ୍ୟାଂ = ଅଗ୍ନି ତଥା ସୋମ ପାଇଁ, ତ୍ୱା = ତୁମକୁ, ଜୁଷ୍ଟଂ = ପ୍ରିୟ, ପ୍ରୋକ୍ଷାମି = ପବିତ୍ର କରୁଛି, ଦୈବ୍ୟାୟ = ଦିବ୍ୟ, କର୍ମଣେ = କର୍ମ ପାଇଁ, ଶୁନ୍ଧଧ୍ୱଂ = ଶୁଦ୍ଧ ହୁଅ, ଦେବଯଜ୍ୟାୟୈ = ଦେବତାଙ୍କ ପୂଜା ପୈଁ (ଶୁଦ୍ଧ ହୁଅ), ଯତ୍ = ଯେଉଁ, ବ: = ତୁମ ମଧ୍ୟରେ, ଅଶୁଦ୍ଧା: = ଅଶୁଦ୍ଧତା ଯୋଗୁଁ, ପରାଜଘ୍ନୁ: = ପରାଭୂତ ହେଲେ, ଇଦଂ = ଏମାନଙ୍କୁ, ବ: = ତୁମକୁ, ତତ୍ = ତେଣୁ, ଶୁନ୍ଧାମି = ଶୁଦ୍ଧ କରୁଛି

# ଅନ୍ୱୟାର୍ଥ

ଇନ୍ଦ୍ର: ବୃତ୍ରତୁର୍ୟ୍ୟେ ଯୁଷ୍ମା ଅବୃଣୀତ = ଇନ୍ଦ୍ର ବୃତ୍ରହତ୍ୟା ସମୟରେ ତୁମକୁ ସ୍ୱୀକୃତ କରିଥିଲେ |

ଯୁୟଂ ବୃତ୍ରତୂର୍ୟ୍ୟେ ଇନ୍ଦ୍ରଂ ଅବୃଣୀଧ୍ୱଂ = ତୁମେ ବୃତ୍ରହତ୍ୟା ସମୟରେ ଇନ୍ଦ୍ର କୁ ବରଣ କରିଥିଲ |

ପ୍ରୋକ୍ଷିତା: ସ୍ଥ = (ତୁମେ) ପବିତ୍ର ହୋଇଥିଲ |

ଅଗ୍ନୟେ ଜୁଷ୍ଟଂ ତ୍ୱା ପ୍ରୋକ୍ଷାମି = ଅଗ୍ନି ର ପ୍ରିୟ - ତୁମକୁ - ପବିତ୍ର କରୁଛି |

ଅଗ୍ନୀଷୋମାଭ୍ୟାଂ ଜୁଷ୍ଟଂ ତ୍ୱା ପ୍ରୋକ୍ଷାମି = ଅଗ୍ନି ତଥା ସୋମ ପାଇଁ ପ୍ରିୟ - ତୁମକୁ - ପବିତ୍ର କରୁଛି |

ଦୈବ୍ୟାୟ କର୍ମଣେ ଶୁନ୍ଧଧ୍ୱଂ = ଦିବ୍ୟ କର୍ମ ପାଇଁ ଶୁଦ୍ଧ ହୁଅ,

ଦେବଯଜ୍ୟାୟୈ = ଦେବତାଙ୍କ ପୂଜା ପାଇଁ (ଶୁଦ୍ଧ ହୁଅ) |

ଯତ୍ ବ: ଅଶୁଦ୍ଧା: ପରାଜଘ୍ନୁ: ଇଦଂ ତତ୍ ବ: ଶୁନ୍ଧାମି = ତୁମ ମଧ୍ୟରୁ ଯେଉଁମାନେ ଅଶୁଦ୍ଧତା ଯୋଗୁଁ ପରାଭୂତ ହେଲେ, ଏମାନଙ୍କୁ (ତୁମକୁ) ଶୁଦ୍ଧ କରୁଛି |

# ଶ୍ଳୋକ ୧୪

ଶର୍ମା॒ସ୍ୟବ॑ଧୂତ॒ଠ ରକ୍ଷୋଽବ॑ଧୂତା॒ ଅରା॑ତ॒ୟୋ ଽଦି॑ତ୍ୟା॒ସ୍ତ୍ୱଗ॑ସି॒ ପ୍ରତି॒ ତ୍ୱାଦି॑ତିର୍ବେତ୍ତୁ |

ଅଦ୍ରି॑ରସି ବାନସ୍ପ॒ତ୍ୟୋ ଗ୍ରାବା॑ଽସି ପୃ॒ଥୁବୁ॑ଧ୍ନ॒: ପ୍ରାତି॒ ତ୍ୱାଽଦି॑ତ୍ୟା॒ସ୍ତ୍ୱଗ୍ୱେ॑ତ୍ତୁ ||୧-୧୪||

# ଶବ୍ଦାର୍ଥ

ଶର୍ମ = ସୁଖ, ଅସି = ଅଟୁ, ଅବଧୂତଂ = ଦୂର ହୁଅ, ରକ୍ଷ: = ରାକ୍ଷସ, ଅବଧୂତା: = ଦୂର ହେଲେ, ଅରାତୟ: = ଅନୁଦାର, ଅଦିତ୍ୟା: = ସ୍ୱାଧୀନତା, ତ୍ୱକ୍ = ତ୍ୱଚା, ଅସି = ଅଟେ, ପ୍ରତି ବେତ୍ତୁ = ଜାଣି ଗଲେ, ତ୍ୱା = ତୁମକୁ, ଅଦିତି: = ସ୍ୱାଧୀନତା, ଅଦ୍ରି: = ପର୍ବତ, ଅସି = ଅଟ, ବାନସ୍ପତ୍ୟ: = ବନସ୍ପତି (ରେ ନିର୍ମିତ), ଗ୍ରାବା = ପଥର, ଅସି = ଅଟ, ପୃଥୁବୁଧ୍ନ: = ଦୃଢ, ପ୍ରତି ବେତ୍ତୁ = ମିଳୁ, ତ୍ୱା = ତୁମକୁ, ଅଦିତ୍ୟା: = ସ୍ୱାଧୀନତା (ଅଦୀନତା), ତ୍ୱକ୍ = ଆବରଣ

# ଅନ୍ୱୟାର୍ଥ

ଶର୍ମ ଅସି = (ତୁମେ) ସୁଖୀ ଅଟ |

ରକ୍ଷ: ଅବଧୂତଂ = ରାକ୍ଷସ ଦୂର ହୁଅ |

ଅରାତୟ: ଅବଧୂତା: = ଅନୁଦାର ବି ଦୂର ହେଲେ |

ଅଦିତ୍ୟା: ତ୍ୱକ୍ ଅସି = (ତୁମେ) ସ୍ୱାଧୀନତା ର ତ୍ୱଚା ଅଟ |

ଅଦିତି: ତ୍ୱା ପ୍ରତି ବେତ୍ତୁ = ସ୍ୱାଧୀନତା ତୁମକୁ ଜାଣି ଗଲେ |

ବାନସ୍ପତ୍ୟ: ଅଦ୍ରି: ଅସି = (ତୁମେ) ବନସ୍ପତି (ରେ ନିର୍ମିତ) ପର୍ବତ ଅଟ |

ପୃଥୁବୁଧ୍ନ: ଗ୍ରାବା ଅସି = ଦୃଢ ପଥର ଅଟ |

ଅଦିତ୍ୟା: ତ୍ୱକ୍ ତ୍ୱା ପ୍ରତି ବେତ୍ତୁ = ସ୍ୱାଧୀନତା ତଥା ଅଦୀନତା ର ଆବରଣ ତୁମକୁ ମିଳୁ |

# ଶ୍ଲୋକ ୧୫

ଅଗ୍ନେସ୍ତନୁରସି ବାଚୋ ବିସର୍ଜନଂ ଦେବବୀତୟେ ତ୍ୱା ଗୃହ୍ଣାମି ବୃହଦ୍‌ଗ୍ରାବାଽସି ବାନସ୍ପତ୍ୟ: ସ ଇଦଂ ଦେବେଭ୍ୟୋ ହବି: ଶମୀଷ୍ୱ ସୁଶମି ଶମୀଷ୍ୱ | ହବିଷ୍କୃଦେହି ହବିଷ୍କୃଦେହି ||୧-୧୫||

# ଶବ୍ଦାର୍ଥ

ଅଗ୍ନେ: = ଅଗ୍ନି ର, ତନୁ: = ଶରୀର, ଅସି = ଅଟ, ବାଚୋ = ବାଣୀ ର, ବିସର୍ଜନଂ = ବିଶେଷ ସର୍ଜନା, ଦେବବୀତୟେ = ଦେବତାଙ୍କ ତେଜ ପାଇଁ, ତ୍ୱା = ତୁମକୁ, ଗୃହ୍ଣାମି = ସ୍ୱୀକାର କରୁଛି, ବୃହଦ୍‌ଗ୍ରାବା = ବଡ ପଥର, ଅସି = ଅଟ, ବାନସ୍ପତ୍ୟ: = ବନସ୍ପତି ଦ୍ୱାରା ନିର୍ମିତ, ସ = ସେହି, ଇଦଂ = ଏହି, ଦେବେଭ୍ୟ: = ଦେବତାଙ୍କ ପାଇଁ, ହବି: = ହବି, ଶମୀଷ୍ୱ = ସିଦ୍ଧ କର, ସୁଶମି = ଭଲ ଭାବେ ସୁଖପ୍ରଦ ଭାବେ, ଶମୀଷ୍ୱ = ସିଦ୍ଧ କର, ହବିଷ୍କୃତ୍ = ହବି ରୂପୀ ଅନ୍ନ ର ପାଚକ, ଏହି = ଏଠାକୁ ଆସ, ହବିଷ୍କୃତ୍ = ହବି ରୂପୀ ଅନ୍ନ ର ପାଚକ, ଏହି = ଏଠାକୁ ଆସ

# ଅନ୍ୱୟାର୍ଥ

ଅଗ୍ନେ: ତନୁ: ଅସି = ତୁମ ଶରୀର ଅଗ୍ନିମୟ |

ବାଚୋ ବିସର୍ଜନଂ = (ତୁମେ) ବାଣୀ ର ବିଶେଷ ସର୍ଜନା |

ଦେବବୀତୟେ ତ୍ୱା ଗୃହ୍ଣାମି = ଦେବତାଙ୍କ ତେଜ ପାଇଁ ତୁମକୁ ସ୍ୱୀକାର କରୁଛି |

ବାନସ୍ପତ୍ୟ: ବୃହଦ୍‌ଗ୍ରାବା ଅସି = (ତୁମେ) ବନସ୍ପତି ଦ୍ୱାରା ନିର୍ମିତ ବଡ ପଥର ଅଟ |

ସ ଦେବେଭ୍ୟ: ଇଦଂ ହବି: ଶମୀଷ୍ୱେ = ସେହି ଦେବତାଙ୍କ ପାଇଁ ଏହି ହବି ସୁଖଦାୟକ ହେଉ |

ସୁଶମି ଶମୀଷ୍ୱ = (ହବି କୁ) ଭଲ ଭାବେ ସୁଖପ୍ରଦ ଭାବେ ସିଦ୍ଧ କର |

ହବିଷ୍କୃତ୍ ଏହି ହବିଷ୍କୃତ୍ ଏହି = ହବି ରୂପୀ ଅନ୍ନ ର ପାଚକ, ଏଠାକୁ ଆସ, ହବି ରୂପୀ ଅନ୍ନ ର ପାଚକ, ଏଠାକୁ ଆସ |

# ଶ୍ଲୋକ ୧୬

କୁକ୍କୁଟୋଽସି ମଧୁଜିହ୍ୱ ଇଷମୂର୍ଜମାବଦ ତ୍ୱୟା ବୟ ó ସଂଘାତ ó ସଂଘାତଂ ଜେଷ୍ମ ବର୍ଷବୃଦ୍ଧମସି ପ୍ରତି ତ୍ୱା ବର୍ଷବୃଦ୍ଧଂ ବେତ୍ତୁ ପରାପୂତ ó ରକ୍ଷ: ପରାପୂତା ଅରାତୟୋ ଽପହତ ó ରକ୍ଷୋ ବାୟୁର୍ବୋ ବିବିନକ୍ତୁ ଦେବୋ ବ: ସବିତା ହିରଣ୍ୟପାଣି: ପ୍ରତିଗୃଭ୍ଣାତ୍ୱଚ୍ଛିଦ୍ରେଣ ପାଣିନା || ୧-୧୬||

# ଶବ୍ଦାର୍ଥ

କୁକ୍କୁଟ: = କୁକ୍କୁଟ (ବକ୍ତା), ଅସି = ଅଟ, ମଧୁଜିହ୍ୱ: = ମିଷ୍ଟଭାଷୀ, ଇଷଂ = ଅନ୍ନ, ଊର୍ଜଂ = ବଳ, ଆବଦ = ବିଷୟରେ କୁହ, ତ୍ୱୟା = ତୁମ ସହାୟତା ରେ, ବୟଂ = ଆମେ, ସଂଘାତଂ ସଂଘାତଂ = ଶତ୍ରୁଙ୍କ ଦଳ ବଳ, ଜେଷ୍ମ = ଜିତୁଁ, ବର୍ଷବୃଦ୍ଧଂ = ପ୍ରତିବର୍ଷ ବଢୁଥିବା, ଅସି = ଅଟେ, ପ୍ରତି = (ଉପସର୍ଗ), ତ୍ୱା = ତୁମକୁ, ବର୍ଷବୃଦ୍ଧଂ = ପ୍ରତିବର୍ଷ ବଢୁଥିବା ଜ୍ଞାନ, ବେତ୍ତୁ = ପ୍ରାପ୍ତ ହେଉ, ପରାପୂତଂ = ଦୂର ହୋଇଗଲେ, ରକ୍ଷ: = ରାକ୍ଷସ, ପରାପୂତା: = ଦୂରକୁ ହଟି ଗଲେ, ଅରାତୟ: = ଅନୁଦାର (ଶତ୍ରୁ) ଦଳ, ଅପହତଂ = ବିନଷ୍ଟ ହୋଇ ଗଲେ, ରକ୍ଷ: = ରାକ୍ଷସ, ବାୟୁ: = ବାୟୁ, ବ: = ତୁମକୁ, ବିର୍ବିନକ୍ତୁ = ଶୁଦ୍ଧ କରୁ, ଦେବ: = ଦେବ, ବ: = ତୁମକୁ, ସବିତା = ସୂର୍ଯ୍ୟ, ହିରଣ୍ୟପାଣି: = ହାତରେ ସୁବର୍ଣ ଆଭୂଷଣ ଧାରଣ କରିଥିବା, ପ୍ରତିଗୃଭ୍ଣାତୁ = ଧରନ୍ତୁ, ଅଚ୍ଛିଦ୍ରେଣ = ଛିଦ୍ରଶୂନ୍ୟ, ପାଣିନା = ହାତରେ

# ଅନ୍ୱୟାର୍ଥ

ମଧୁଜିହ୍ୱ: କୁକ୍କୁଟ: ଅସି = (ତୁମେ) ମିଷ୍ଟଭାଷୀ କୁକ୍କୁଟ (ବକ୍ତା) ଅଟ |

ଇଷଂ ଊର୍ଜଂ ଆବଦ = ଅନ୍ନ ତଥା ବଳ ବିଷୟରେ କୁହ |

ତ୍ୱୟା ବୟଂ ସଂଘାତଂ ସଂଘାତଂ ଜେଷ୍ମ = ତୁମ ସହାୟତା ରେ ଆମେ ଶତ୍ରୁଙ୍କ ଦଳ ବଳ, ଜିତୁଁ |

ବର୍ଷବୃଦ୍ଧଂ ଅସି = ଜ୍ଞାନ ପ୍ରତିବର୍ଷ ବଢୁଥାଏ |

ବର୍ଷବୃଦ୍ଧଂ ତ୍ୱା ପ୍ରତିବେତ୍ତୁ = ପ୍ରତିବର୍ଷ ବଢୁଥିବା ଜ୍ଞାନ ତୁମକୁ ପ୍ରାପ୍ତ ହେଉ |

ରକ୍ଷ: ପରାପୂତଂ = ରାକ୍ଷସ ଦୂର ହୋଇଗଲେ |

ଅରାତୟ: ପରାପୂତା: = ଅନୁଦାର (ଶତ୍ରୁ) ଦଳ ଦୂରକୁ ହଟି ଗଲେ |

ରକ୍ଷ: ଅପହତଂ = ରାକ୍ଷସ ବିନଷ୍ଟ ହୋଇ ଗଲେ |

ବାୟୁ: ବ: ବିର୍ବିନକ୍ତୁ = ବାୟୁ ତୁମକୁ ଶୁଦ୍ଧ କରୁ |

ହିରଣ୍ୟପାଣି: ସବିତା ଦେବ: ବ: ଅଚ୍ଛିଦ୍ରେଣ ପାଣିନା ପ୍ରତିଗୃଭ୍ଣାତୁ = ହାତରେ ସୁବର୍ଣ ଆଭୂଷଣ ଧାରଣ କରିଥିବା ସୂର୍ଯ୍ୟ ଦେବ ତୁମକୁ ଛିଦ୍ରଶୂନ୍ୟ ହାତରେ ଧରି ରଖନ୍ତୁ |

# ଶ୍ଳୋକ ୧୭

ଧୃଷ୍ଟି॑ର॒ସ୍ୟପା॑ଽଗ୍ନେ ଅ॒ଗ୍ନିମା॒ମାଦଂ॑ ଜହି॒ ନିଷ୍କ୍ର॒ବ୍ୟାଦ॑ꣳ ସେ॒ଧା ଦେ॑ବ॒ଯଜଂ॑ ବହ |

ଧ୍ରୁ॒ବମ॑ସି ପୃଥି॒ବୀଂ ଦୃ॑ꣳହ ବ୍ର॒ହ୍ମ॒ବନି॑ ତ୍ୱା କ୍ଷ॒ତ୍ର॒ବନି॑ ସଜାତ॒ବନ୍ୟୁପ॑ଦଧାମି॒ ଭାତୃ॑ବ୍ୟସ୍ୟ ବ॒ଧାୟ॑ ||୧-୧୭||

# ଶବ୍ଦାର୍ଥ

ଧୃଷ୍ଟିଃ = (ତୁମେ) ଧୈର୍ଯ୍ୟବାନ, ଅସି = ଅଟ, ଅପ = (ଉପସର୍ଗ), ଅଗ୍ନେ = ହେ ଅଗ୍ନି !, ଅଗ୍ନି = ଅଗ୍ନି, ଆମାଦଂ = କଞ୍ଚା ମାଂସ ଖାଉଥିବା, ଜହି = ତ୍ୟାଗ କର, ନିଃଷେଧ (ନିଃ-ସେଧ-ଆ) = ନିଷେଧ କର, କ୍ରବ୍ୟାଦଂ = ମାଂସାହାରୀ କୁ, ଦେବଯଜଂ = ଦେବ ପୂଜକଙ୍କୁ, ଆ ବହ = ସମୀପ ରେ ରଖ, ଧ୍ରୁବଂ = ସ୍ଥିର, ଅସି = ଅଟ, ପୃଥିବୀଂ = ପୃଥିବୀ କୁ, ଦୃଂହ = ଦୃଢ କର, ବ୍ରହ୍ମବନି = ବ୍ରାହ୍ମଣଙ୍କ, ତ୍ୱା = ତୁମକୁ, କ୍ଷତ୍ରବନି = କ୍ଷତ୍ରିୟ ଙ୍କ, ସଜାତବନି = ସଜାତିଙ୍କ, ଉପଦଧାମି = ସମୀପବର୍ତ୍ତି କରୁଛି, ଭାତୃବ୍ୟସ୍ୟ = ଦୁଷ୍ଟ ର, ବଧାୟ = ବଧ ପାଇଁ

# ଅନ୍ୱୟାର୍ଥ

ଧୃଷ୍ଟିଃ ଅସି = (ତୁମେ) ଧୈର୍ଯ୍ୟବାନ ଅଟ |

ଅଗ୍ନେ ଆମାଦଂ ଅଗ୍ନି ଅପଜହି = ହେ ଅଗ୍ନି !, କଞ୍ଚା ମାଂସ ଖାଉଥିବା ଅଗ୍ନିକୁ ଦୂର କର |

କ୍ରବ୍ୟାଦଂ ନିଃଷେଧ = ମାଂସାହାରୀ କୁ ନିଷେଧ କର |

ଦେବଯଜଂ ଆ ବହ = ଦେବ ପୂଜକଙ୍କୁ ସମୀପ ରେ ରଖ |

ଧ୍ରୁବଂ ଅସି = (ତୁମେ) ସ୍ଥିର ଅଟ |

ପୃଥିବୀଂ ଦୃଂହ = ପୃଥିବୀ କୁ ଦୃଢ କର |

ବ୍ରହ୍ମବନି କ୍ଷତ୍ରବନି ସଜାତବନି ତ୍ୱା ଭାତୃବ୍ୟସ୍ୟ ବଧାୟ ଉପଦଧାମି = ବ୍ରାହ୍ମଣ କ୍ଷତ୍ରିୟ ସଜାତିଙ୍କ ହିତ କରୁଥିବା ତୁମକୁ ଦୁଷ୍ଟ ବଧ ପାଇଁ ସମୀପବର୍ତ୍ତି କରୁଛି |

# ଶ୍ଳୋକ ୧୮

ଅଗ୍ନେ ବ୍ରହ୍ମ॑ ଗୃଭ୍ଣୀଷ୍ୱ ଧରୁଣ॑ମସ୍ୟନ୍ତରି॑କ୍ଷଂ ଦୃ୦ହ ବ୍ରହ୍ମବନି॑ ତ୍ୱା କ୍ଷତ୍ରବନି॑ ସଜାତବନ୍ୟୁପ॑ଦଧାମି ଭାତୃ॑ବ୍ୟସ୍ୟ ବଧାୟ॑ | ଧର୍ତ୍ତ୍ରମ॑ସି ଦିବଂ॑ ଦୃ୦ହ ବ୍ରହ୍ମବନି॑ ତ୍ୱା କ୍ଷତ୍ରବନି॑ ସଜାତବନ୍ୟୁପ॑ଦଧାମି ଭ୍ରାତୃ॑ବ୍ୟସ୍ୟ ବଧାୟ॑ | ବିଶ୍ୱା॑ଭ୍ୟସ୍ତ୍ୱାଶା॑ଭ୍ୟ ଉପ॑ଦଧାମି ଚିତ॑ ସ୍ଥୋର୍ଦ୍ଧ୍ୱାଚିତୋ ଭୃଗୂ॑ଣାମଙ୍ଗି॑ରସାଂ ତପ॑ସା ତପ୍ୟଧ୍ୱମ୍ ||୧-୧୮||

# ଶବ୍ଦାର୍ଥ

ଅଗ୍ନେ = ହେ ଅଗ୍ନି !, ବ୍ରହ୍ମ = ଜ୍ଞାନ କୁ, ଗୃଭ୍ଣୀଷ୍ୱ = ସ୍ୱୀକାର କର, ଧରୁଣଂ = (ତୁମେ) ଧାରକ, ଅସି = ଅଟ, ଅନ୍ତରିକ୍ଷଂ = ଅନ୍ତରିକ୍ଷ କୁ, ଦୃଂହ = ଦୃଢ କର, ବ୍ରହ୍ମବନି = ବ୍ରାହ୍ମଣଙ୍କ, ତ୍ୱା = ତୁମକୁ, କ୍ଷତ୍ରବନି = କ୍ଷତ୍ରିୟ ଙ୍କ, ସଜାତବନି = ସଜାତିଙ୍କ, ଉପଦଧାମି = ସମୀପବର୍ତ୍ତି କରୁଛି,

ଭ୍ରାତୃବ୍ୟସ୍ୟ = ଦୁଷ୍ଟ ର, ବଧାୟ = ବଧ ପାଇଁ, ଧର୍ତ୍ରଂ = ଧାରକ, ଅସି = ଅଟ, ଦିବଂ = ଦ୍ୟୁଲୋକ କୁ, ଦୃଂହ = ଦୃଢ କର, ବ୍ରହ୍ମବନି = ବ୍ରାହ୍ମଣଙ୍କ, ତ୍ୱା = ତୁମକୁ, କ୍ଷତ୍ରବନି = କ୍ଷତ୍ରିୟ ଙ୍କ, ସଜାତବନି = ସଜାତିଙ୍କ, ଉପଦଧାମି = ସମୀପବର୍ତ୍ତି କରୁଛି, ଭ୍ରାତୃବ୍ୟସ୍ୟ = ଦୁଷ୍ଟ ର, ବଧାୟ = ବଧ ପାଇଁ, ବିଶ୍ୱାଭ୍ୟ: = ସମସ୍ତ, ତ୍ୱା = ତୁମକୁ, ଆଶାଭ୍ୟ: = ଦିଗରୁ, ଉପଦଧାମି = ସମୀପବର୍ତ୍ତି କରୁଛି, ଚିତ: = ଚେତନା, ସ୍ଥ = ଦାୟକ, ଊର୍ଧ୍ୱଚିତ: = ଊର୍ଦ୍ଧ୍ୱ କୁ ଚେତନା ଦେଉଥିବା (ବ୍ୟକ୍ତି ହୁଅ), ଭୃଗୂଣାଂ = ଭୃଗୁଙ୍କ, ଅଙ୍ଗିରସାଂ = ଅଙ୍ଗିରସଙ୍କ, ତପସା = ତପ ଦ୍ୱାରା,ତପ୍ୟଧ୍ୱମ୍ = ତେଜସ୍ୱୀ ହୁଅ

# ଅନ୍ୱୟାର୍ଥ

ଅଗ୍ନେ ବ୍ରହ୍ମ ଗୃଭ୍ଣୀଷ୍ୱ = ହେ ଅଗ୍ନି ! ଜ୍ଞାନ କୁ ସ୍ୱୀକାର କର |

ଧରୁଣଂ ଅସି ଅନ୍ତରିକ୍ଷଂ ଦୃଂହ = (ତୁମେ) ଧାରକ ଅଟ | ଅନ୍ତରିକ୍ଷ କୁ (ଆତ୍ମା କୁ) ଦୃଢ କର |

ବ୍ରହ୍ମବନି କ୍ଷତ୍ରବନି ସଜାତବନି ତ୍ୱା ଭାତୃବ୍ୟସ୍ୟ ବଧାୟ ଧର୍ତ୍ରଂ ଅସି = ବ୍ରାହ୍ମଣ, କ୍ଷତ୍ରିୟ ଓ ସଜାତିଙ୍କ ହିତ କରୁଥିବା ତୁମକୁ ଦୁଷ୍ଟ ବଧ ପାଇଁ ଧାରକ ଅଟ |

ଦିବଂ ଦୃଂହ = ଦ୍ୟୁଲୋକ କୁ ଦୃଢ (ବଳଶାଳୀ) କର |

ବ୍ରହ୍ମବନି କ୍ଷତ୍ରବନି ସଜାତବନି ତ୍ୱା ଭାତୃବ୍ୟସ୍ୟ ବଧାୟ ବିଶ୍ୱାଭ୍ୟ: ଆଶାଭ୍ୟ: ଉପଦଧାମି = ବ୍ରାହ୍ମଣ, କ୍ଷତ୍ରିୟ ଓ ସଜାତିଙ୍କ ହିତ କରୁଥିବା ତୁମକୁ ଦୁଷ୍ଟ ବଧ ପାଇଁ (ତୁମକୁ) ସମସ୍ତ ଦିଗରୁ ସମୀପବର୍ତ୍ତି କରୁଛି |

ଚିତ: ସ୍ଥ = (ତୁମେ) ଚେତନା ଦାୟକ ଅଟ |

ଊର୍ଧ୍ୱଚିତ: = ଊର୍ଦ୍ଧ୍ୱ କୁ ଚେତନା ଦେଉଥିବା (ବ୍ୟକ୍ତି ହୁଅ) |

ଭୃଗୂଣାଂ ଅଙ୍ଗିରସାଂ ତପସା ତପ୍ୟଧ୍ୱମ୍ = ଭୃଗୁ ଓ ଅଙ୍ଗିରସଙ୍କ ତପ ଦ୍ୱାରା ତେଜସ୍ୱୀ ହୁଅ |

# ଶ୍ଳୋକ ୧୯

ଶର୍ମାସ୍ୟବ॑ଧୂତ ó ରକ୍ଷୋଽବ॑ଧୂତା ଅରା॑ତୟୋ ଽଦି॑ତ୍ୟାସ୍ତ୍ୱଗା॑ସି ପ୍ରତି ତ୍ୱାଽଦି॑ତିର୍ବେତ୍ତୁ |

ଘିଷଣା॑ଽସି ପର୍ବତୀ ପ୍ରତି ତ୍ୱାଽଦି॑ତ୍ୟାସ୍ତ୍ୱଗ୍ୱେ॑ତ୍ତୁ ଦିବସ୍କ॑ମ୍ଭନୀର॑ସି ଘିଷଣା॑ଽସି ପାର୍ବତେୟୀ ପ୍ରତି॑ ତ୍ୱା ପର୍ବତୀ ବେ॑ତ୍ତୁ ||୧-୧୯||

# ଶବ୍ଦାର୍ଥ

ଶର୍ମ = ସୁଖ, ଅସି = ଅଟୁ, ଅବଧୂତଂ = ଦୂର ହୁଅ, ରକ୍ଷ: = ରାକ୍ଷସ, ଅବଧୂତା: = ଦୂର ହେଲେ, ଅରାତୟ: = ଅନୁଦାର, ଅଦିତ୍ୟା: = ସ୍ୱାଧୀନତା, ତ୍ୱକ୍ = ତ୍ୱଚା, ଅସି = ଅଟେ, ପ୍ରତି ବେତ୍ତୁ = ଜାଣି ଗଲେ, ତ୍ୱା = ତୁମକୁ, ଅଦିତି: = ସ୍ୱାଧୀନତା (ଅଦୀନତା), ଘିଷଣା = ବୁଦ୍ଧି, ଅସି = ଅଟ, ପର୍ବତୀ = ପର୍ବତ ବାସୀ, ପ୍ରତି = (ଉପସର୍ଗ), ତ୍ୱା = ତୁମକୁ, ଅଦିତ୍ୟା: = ଅଦୀନତାର, ତ୍ୱକ୍ = ତ୍ୱଚା, ବେତ୍ତୁ = ପରିଚିତ, ଦିବ: =

ଦ୍ୟୁଲୋକ, ସ୍କମ୍ଭନୀ: = ସ୍ଥିର କରିବା (ଶକ୍ତି), ଅସି = ଅଟୁ, ଘିଷଣା = ବୁଦ୍ଧି, ଅସି = ଅଟ, ପାର୍ବତେୟୀ = ପର୍ବତର, ପ୍ରତି = (ଉପସର୍ଗ), ତ୍ୱା = ତୁମକୁ, ପର୍ବତୀ = ପର୍ବତର ବୁଦ୍ଧି, ବେତ୍ତୁ = ପରିଚିତ

# ଅନ୍ୱୟାର୍ଥ

ଶର୍ମ ଅସି = (ତୁମେ) ସୁଖୀ ଅଟ |

ରକ୍ଷ: ଅବଧୂତଂ = ରାକ୍ଷସ ଦୂର ହୁଅ |

ଅରାତୟ: ଅବଧୂତା: = ଅନୁଦାର ବି ଦୂର ହେଲେ |

ଅଦିତ୍ୟା: ତ୍ୱକ୍ ଅସି = (ତୁମେ) ସ୍ୱାଧୀନତା ର ତ୍ୱଚା ଅଟ |

ଅଦିତି: ତ୍ୱା ପ୍ରତି ବେତ୍ତୁ = ସ୍ୱାଧୀନତା ତୁମ ସହ ପରିଚିତ ରହୁ |

ପର୍ବତୀ ଘିଷଣା ଅସି = (ତୁମେ) ପର୍ବତ ବାସୀ ବୁଦ୍ଧି ଅଟ |

ଅଦିତ୍ୟା: ତ୍ୱକ୍ ପ୍ରତିବେତ୍ତୁ = ଅଦୀନତାର ତ୍ୱଚା (ତୁମକୁ) ଜାଣି ରଖୁ |

ଦିବ: ସ୍କମ୍ଭନୀ: ଅସି = (ତୁମେ) ଦ୍ୟୁଲୋକ ସ୍ଥିର କରିବା (ଶକ୍ତି) ଅଟ |

ପାର୍ବତେୟୀ ଘିଷଣା ଅସି = ପର୍ବତର ବୁଦ୍ଧି (ତୁମେ) ଅଟ |

ପର୍ବତୀ ତ୍ୱା ପ୍ରତିବେତ୍ତୁ = ପର୍ବତର ବୁଦ୍ଧି ତୁମ ସହ ପରିଚିତ ରହୁ |

# ଶ୍ଳୋକ ୨୦

ଧାନ୍ୟମସି ଧିନୁହି ଦେବାନ୍ ପ୍ରାଣାୟ ତ୍ୱୋ ଦାନାୟ ତ୍ୱା ବ୍ୟାନାୟ ତ୍ୱା | ଦୀର୍ଘାମନୁ ପ୍ରସିତିମାୟୁଷେ ଧାଂ ଦେବୋ ବ: ସବିତା ହିରଣ୍ୟପାଣୀ: ପ୍ରତିଗୃଭ୍ଣାତ୍ୱଚ୍ଛିଦ୍ରେଣ ପାଣିନା ଚକ୍ଷୁଷେ ତ୍ୱା ମହୀନାଂ ପୟୋଽସି ||୧-୨୦||

# ଶବ୍ଦାର୍ଥ

ଧାନ୍ୟଂ = ଧାନ, ଅସି = ଅଟ, ଧିନୁହି = ସଂତୁଷ୍ଟ (ତୃପ୍ତ) କର, ଦେବାନ୍ = ଦେବତାଙ୍କୁ, ପ୍ରାଣାୟ = ପ୍ରାଣ ପାଇଁ, ତ୍ୱା = ତୁମକୁ, ଦାନାୟ = ଦାନ ପାଇଁ, ତ୍ୱା = ତୁମକୁ, ବ୍ୟାନାୟ = ବ୍ୟାନ ପାଇଁ, ତ୍ୱୋ = ତୁମକୁ, ଦୀର୍ଘାଂ = ବିସ୍ତୃତ, ଅନୁ = ଅନୁକୂଳତାପୂର୍ବକ, ପ୍ରସିତିଂ = ଶକ୍ତିକୁ, ଆୟୁଷେ = ଆୟୁଷ ପାଇଁ, ଧାଂ = ଧାରଣ କରୁଛି, ଦେବ: = ଦେବ, ବ: = ତୁମକୁ, ସବିତା = ସୂର୍ଯ୍ୟ, ହିରଣ୍ୟପାଣି: = ହାତରେ ସୁବର୍ଣ ଆଭୂଷଣ ଧାରଣ କରିଥିବା, ପ୍ରତିଗୃଭ୍ଣାତୁ = ଧରନ୍ତୁ, ଅଚ୍ଛିଦ୍ରେଣ = ଛିଦ୍ରଶୂନ୍ୟ, ପାଣିନା = ହାତରେ ଚକ୍ଷୁଷେ = ଦର୍ଶନେନ୍ଦ୍ରିୟ ପାଇଁ, ତ୍ୱା = ତୁମକୁ, ମହୀନାଂ = ମହାନ୍ ଶକ୍ତି ର, ପୟଃ = କ୍ଷୀର, ଅସି = ଅଟ

# ଅନ୍ୱୟାର୍ଥ

ଧାନ୍ୟଂ ଅସି = (ତୁମେ) ଧାନ (ବୀଜ) ଅଟ |

ଦେବାନ୍ ଧିନୁହି = ଦେବତାଙ୍କୁ ସଂତୁଷ୍ଟ (ତୃପ୍ତ) କର |

ପ୍ରାଣାୟ ତ୍ୱା ଦାନାୟ ତ୍ୱା ବ୍ୟାନାୟ ତ୍ୱା = ପ୍ରାଣ ପାଇଁ, ଦାନ ପାଇଁ ତଥା ବ୍ୟାନ ପାଇଁ ତୁମକୁ ଧାରଣ କରୁଛି |

ଆୟୁଷେ ଦୀର୍ଘାଂ ପ୍ରସିତିଂ ଅନୁ ଧାଂ = ଆୟୁଷ ପାଇଁ ବିସ୍ତୃତ ଶକ୍ତିକୁ (ମୁଁ) ଅନୁକୂଳତାପୂର୍ବକ ଧାରଣ କରୁଛି |

ହିରଣ୍ୟପାଣି: ସବିତା ଦେବ: ବ: ଅଚ୍ଛିଦ୍ରେଣ ପାଣିନା ପ୍ରତିଗୃଭ୍ଣାତୁ = ହାତରେ ସୁବର୍ଣ ଆଭୂଷଣ ଧାରଣ କରିଥିବା ସୂର୍ଯ୍ୟ ଦେବ ତୁମକୁ ଛିଦ୍ରଶୂନ୍ୟ ହାତରେ ଧରି ରଖନ୍ତୁ |

ଚକ୍ଷୁଷେ ତ୍ୱା = ଦର୍ଶନେନ୍ଦ୍ରିୟ ପାଇଁ ତୁମକୁ ଧାରଣ କରୁଛି |

ମହୀନାଂ ପୟଃ ଅସି = (ତୁମେ) ମହାନ୍ ଶକ୍ତି ର କ୍ଷୀର ଅଟ |

# ଶ୍ଲୋକ ୨୧

ଦେ॒ବସ୍ୟ॑ ତ୍ୱା ସ॒ବି॒ତୁ: ପ୍ର॑ସବେଽଶ୍ୱିନୋ॑ର୍ବା॒ହୁଭ୍ୟାଂ॑ ପୂ॒ଷ୍ଣୋ ହସ୍ତା॑ଭ୍ୟାମ୍ |

ସଂ ବ॑ପାମି॒ ସମା॒ପ ଓଷ॑ଧୀଭି॒: ସମୋଷ॑ଧୟୋ॒ ରସେ॑ନ | ସ ó ରେ॒ବତୀ॒ର୍ଜଗ॑ତୀଭି: ପୃଚ୍ୟନ୍ତା॒ó ସଂ ମଧୁ॑ମତୀ॒ର୍ମଧୁ॑ମତୀଭି: ପୃଚ୍ୟନ୍ତାମ୍ || ୧-୨୧||

# ଶବ୍ଦାର୍ଥ

ଦେବସ୍ୟ = ଦେବଙ୍କ, ତ୍ୱା = ତୁମକୁ, ସବିତୁ: = ସମସ୍ତଙ୍କ ସ୍ରଷ୍ଟା, ପ୍ରସବେ = ପ୍ରସୂତିରୂପ (ସୃଷ୍ଟି) ରେ, ଅଶ୍ୱିନୋ: = ଅଶ୍ୱିନିକୁମାରଙ୍କ, ବାହୁଭ୍ୟାଂ = ବାହୁରୁ, ପୂଷ୍ଣୋ = ପୂଷା ର, ହସ୍ତାଭ୍ୟାମ୍ = ହାତରେ, ସଂ = ଭଲକରି, ବପାମି = ବିସ୍ତୀର୍ଣ୍ଣ କରୁଛି, ସଂ = ସହ, ଆପ = ଜଳ, ଓଷଧୀଭି: = ଔଷଧ, ସଂ = ହେଉ, ଓଷଧୟ: = ଔଷଧ, ରସେନ = ରସ ଦ୍ୱାରା, ସଂ = ମିଳିଯାଉ, ରେବତୀ: = ଧନବାନ, ଜଗତୀଭି: = ବେଗବାନ ପ୍ରଜା ସହ, ପୃଚ୍ୟନ୍ତାମ୍ = ମିଶିଯାଉ, ସଂ = ଭଲଭାବେ, ମଧୁମତୀ: = ମଧୁର, ମଧୁମତୀଭି: = ମଧୁର ସହ, ପୃଚ୍ୟନ୍ତାମ୍ = ମିଶିଯାଉ

# ଅନ୍ୱୟାର୍ଥ

ସବିତୁ: ଦେବସ୍ୟ ପ୍ରସବେ ଅଶ୍ୱିନୋ: ବାହୁଭ୍ୟାଂ = ସମସ୍ତଙ୍କ ସ୍ରଷ୍ଟା ଦେବଙ୍କ ପ୍ରସୂତିରୂପ (ସୃଷ୍ଟି) ରେ, ଅଶ୍ୱିନିକୁମାରଙ୍କ ବାହୁରୁ,

ପୂଷ୍ଣୋ ହସ୍ତାଭ୍ୟାମ୍ ତ୍ୱା ସଂ ବପାମି = ପୂଷା ର ହାତରେ ତୁମକୁ ଭଲକରି ବିସ୍ତୀର୍ଣ୍ଣ କରୁଛି |

ଆପ ଓଷଧୀଭି: ସଂ ପୃଚ୍ୟନ୍ତାମ୍ = ଜଳ ଔଷଧ ସହ ମିଶିଯାଉ |

ଓଷଧୟ: ରସେନ ସଂ = ଔଷଧ ରସାଳ ହେଉ |

ରେବତୀ: ଜଗତୀଭି: ସଂ = ଧନବାନ ବେଗବାନ ପ୍ରଜା ସହ ମିଳିଯାଉ |

ମଧୁମତୀ: ମଧୁମତୀଭି: ସଂ ପୃଚ୍ୟନ୍ତାମ୍ = ମଧୁର ମଧୁର ସହ ଭଲଭାବେ ମିଶିଯାଉ |

# ଶ୍ଳୋକ ୨୨

ଜନୟତ୍ୟୈ ତ୍ୱା ସଂଯୌମୀଦମଗ୍ନେରିଦମଗ୍ନୀଷୋମୟୋରିଷେ ତ୍ୱା ଧର୍ମୋଽସି ବିଶ୍ୱାୟୁରୁରୁପ୍ରଥା ଉରୁ ପ୍ରଥସ୍ୱୋରୁ ତେ ଯଜ୍ଞପତି:
ପ୍ରଥତାମଗ୍ନିଷ୍ଟେ ତ୍ୱଚଂ ମା ହିଂସୀଦ୍ଦେବସ୍ତ୍ୱା ସବିତା ଶ୍ରପୟତୁ ବର୍ଷିଷ୍ଠେଽଧି ନାକେ ||୧-୨୨||

# ଶବ୍ଦାର୍ଥ

ଜନୟତ୍ୟୈ = ସନ୍ତାନ ପାଇଁ, ତ୍ୱା = ତୁମଠାରେ, ସଂଯୌମି = ସମାଗମ କରୁଛି, ଇଦଂ = ଏହି, ଅଗ୍ନେ: = ଅଗ୍ନିର, ଇଦଂ = ଏହି, ଅଗ୍ନୀଷୋମୟୋ: = ଅଗ୍ନି-ସୋମ ର, ଇଷେ = ଅନ୍ନ ପାଇଁ, ତ୍ୱା = ତୁମସହ, ଧର୍ମଃ = ଉଷ୍ମତା ରୂପ, ଅସି = ଅଟ, ବିଶ୍ୱାୟୁ: = (ତୁମେ) ପୂର୍ଣ ଆୟୁ ରୂପ, ଉରୁପ୍ରଥା: = (ତୁମେ) ବହୁତ ବିସ୍ତୃତ, ଉରୁ = ବିସ୍ତୃତ, ପ୍ରଥସ୍ୱ = ହୁଅ, ଉରୁ = ବିସ୍ତୃତ, ତେ = ତୁମର, ଯଜ୍ଞପତି: = ଯଜ୍ଞପତିଙ୍କ, ପ୍ରଥତାଂ = ପ୍ରସିଦ୍ଧି ହେଉ, ଅଗ୍ନି: = ଅଗ୍ନି, ତେ = ତୁମର, ତ୍ୱଚଂ = ଚର୍ମକୁ, ମା = ନା, ହିଂସୀତ୍ = କଷ୍ଟ ଦେଉ, ଦେବ: = ଦେବତା, ତ୍ୱା = ତୁମକୁ, ସବିତା = ସବିତା, ଶ୍ରପୟତୁ = ପରିପକ୍ୱ କରୁ, ବର୍ଷିଷ୍ଠେ = ଶ୍ରେଷ୍ଠ, ଅଧି = (ଉପସର୍ଗ), ନାକେ = ସ୍ୱର୍ଗରେ

# ଅନ୍ୱୟାର୍ଥ

ଜନୟତ୍ୟୈ ତ୍ୱା ସଂଯୌମି = ସନ୍ତାନ ପାଇଁ ତୁମଠାରେ ସମାଗମ କରୁଛି |

ଇଦଂ ଅଗ୍ନେ: ଇଦଂ ଅଗ୍ନୀଷୋମୟୋ: = ଏହା ଅଗ୍ନିର ଓ ଏହା ଅଗ୍ନି-ସୋମ ର |

ଇଷେ ତ୍ୱା = ଅନ୍ନ ପାଇଁ ତୁମ ସହ (ସମ୍ପର୍କ ରଖୁଛି) |

ଧର୍ମଃ ଅସି ବିଶ୍ୱାୟୁ: ଉରୁପ୍ରଥା: = (ତୁମେ) ଉଷ୍ମତା ରୂପ, ପୂର୍ଣ ଆୟୁ ରୂପ ଓ ବହୁତ ବିସ୍ତୃତ ଅଟ |

ଉରୁ ପ୍ରଥସ୍ୱ = (ଏଥିପାଇଁ ତୁମେ ଅଧିକ) ବିସ୍ତୃତ ହୁଅ |

ତେ ଯଜ୍ଞପତି: ଉରୁ ପ୍ରଥତାଂ = ତୁମର ଯଜ୍ଞପତିଙ୍କ ବହୁତ ପ୍ରସିଦ୍ଧି ହେଉ |

ଅଗ୍ନି: ତେ ତ୍ୱଚଂ ମା ହିଂସୀତ୍ = ଅଗ୍ନି ତୁମର ଚର୍ମକୁ କଷ୍ଟ ନ ଦେଉ |

ସବିତା ଦେବ: ତ୍ୱା ବର୍ଷିଷ୍ଠେ ନାକେ ଅଧି ଶ୍ରପୟତୁ = ସବିତା ଦେବତା ତୁମକୁ ଶ୍ରେଷ୍ଠ ସ୍ୱର୍ଗରେ ପରିପକ୍ୱ କରନ୍ତୁ |

# ଶ୍ଳୋକ ୨୩

ମା ଭେର୍ମା ସଂବି॑କ୍ଥା ଅତ॑ମେରୁର୍ଯଜ୍ଞୋଽତ॑ମେରୁର୍ଯଜ॑ମାନସ୍ୟ ପ୍ରଜା ଭୂ॑ୟାତ୍ ତ୍ରିତାୟ॑ ତ୍ୱା ଦ୍ୱିତାୟ॑ ତ୍ୱେକତାୟ॑ ତ୍ୱା ||୧-୨୩||

# ଶବ୍ଦାର୍ଥ

ମା = ନା, ଭେ: = ଭୟଭୀତ, ମା = ନା, ସଂବିକ୍ଥାଃ = ପଛଘୁଞ୍ଚା ଦିଅ, ଅତମେରୁ: = ସୁଦୃଢ, ଯଜ୍ଞ: = ଯଜ୍ଞ, ଅତମେରୁ: = ସୁଦୃଢ, ଯଜମାନସ୍ୟ = ଯଜମାନ ର, ପ୍ରଜା: = ପ୍ରଜାମାନେ, ଭୂୟାତ୍ = ହୁଅନ୍ତୁ, ତ୍ରିତାୟ = ତିନି ପାଇଁ, ତ୍ୱା = ତୁମକୁ, ଦ୍ୱିତାୟ = ଦୁଇ ପାଇଁ, ତ୍ୱା = ତୁମକୁ, ଏକତାୟ = ଏକ ପାଇଁ, ତ୍ୱା = ତୁମକୁ

# ଅନ୍ୱୟାର୍ଥ

ମା ଭେ: = ଭୟଭୀତ ହୁଅନାହିଁ |

ମା ସଂବିକ୍ଥାଃ = ପଛଘୁଞ୍ଚା ଦିଅନାହିଁ |

ଯଜ୍ଞ: ଅତମେରୁ: ଯଜମାନସ୍ୟ ପ୍ରଜା: ଅତମେରୁ: ଭୂୟାତ୍ = (ଏହି) ଯଜ୍ଞ ସୁଦୃଢ ଅଟେ, ଯଜମାନ ର ପ୍ରଜାମାନେ ସୁଦୃଢ ହୁଅନ୍ତୁ |

ତ୍ରିତାୟ ତ୍ୱା ଦ୍ୱିତାୟ ତ୍ୱା ଏକତାୟ ତ୍ୱା = ତୁମକୁ ତିନି ପାଇଁ, ଦୁଇ ପାଇଁ, ଏକ ପାଇଁ ପରିପକ୍ୱ କରୁଛି |

# ଶ୍ଳୋକ ୨୪

ଦେବସ୍ୟ॑ ତ୍ୱା ସବିତୁ: ପ୍ର॑ସବେଽଶ୍ୱିନୋ॑ର୍ବାହୁଭ୍ୟା ॑

ଂ ପୂଷ୍ଣୋ ହସ୍ତା॑ଭ୍ୟାମ୍ |

ଆଦ॑ଦେଽଧ୍ୱରକୃତଂ॑ ଦେବେଭ୍ୟ ଇନ୍ଦ୍ର॑ସ୍ୟ ବାହୁର॑ସି ଦକ୍ଷି॑ଣ: ସହସ୍ର॑ଭୃଷ୍ଟି: ଶତତେ॑ଜା ବାୟୁର॑ସି ତିଗ୍ମତେ॑ଜା ଦ୍ୱିଷତୋ ବଧ: ||୧-୨୪||

# ଶବ୍ଦାର୍ଥ

ଦେବସ୍ୟ = ଦେବଙ୍କ, ତ୍ୱା = ତୁମକୁ, ସବିତୁ: = ସମସ୍ତଙ୍କ ସ୍ରଷ୍ଟା, ପ୍ରସବେ = ପ୍ରସୂତିରୂପ (ସୃଷ୍ଟି) ରେ, ଅସ୍ୱିନୋ: = ଅଶ୍ୱିନିକୁମାରଙ୍କ, ବାହୁଭ୍ୟାଂ = ବାହୁରୁ, ପୂଷ୍ଣୋ = ପୂଷା ର, ହସ୍ତାଭ୍ୟାମ୍ = ହାତରେ, ଆଦଦେ = ବିସ୍ତିର୍ଣ୍ଣ କରୁଛି, ଅଧ୍ୱରକୃତଂ = ଅହିଁସାମୟ କର୍ମ କରୁଥିବା, ଦେବେଭ୍ୟଃ = ଦେବତାଙ୍କ ପାଇଁ, ଇନ୍ଦ୍ରସ୍ୟ = ଇନ୍ଦ୍ରର, ବାହୁ: = ବାହୁ, ଅସି = ଅଟୁ, ଦକ୍ଷିଣ: = ଡାହାଣ, ସହସ୍ରଭୃଷ୍ଟି: = ହଜାର ଶତୃକୁ ନାଶ କରିପାରୁଥିବା, ଶତତେଜା: = ଶହ ଶହ ତେଜ ଯୁକ୍ତ, ବାୟୁ: = ପ୍ରାଣ, ଅସି = ଅଟ, ତିଗ୍ମତେଜା: = ତୀକ୍ଷ୍ଣ ତେଜ ଯୁକ୍ତ, ଦ୍ୱିଷତ: = ଦ୍ୱେଷ୍ଟା ମାନଙ୍କ, ବଧ: = ବଧକାରୀ

# ଅନ୍ୱୟାର୍ଥ

ସବିତୁ: ଦେବସ୍ୟ ପ୍ରସବେ ଅଶ୍ୱିନୋ: ବାହୁଭ୍ୟାଂ = ସମସ୍ତଙ୍କ ସ୍ରଷ୍ଟା ଦେବଙ୍କ ପ୍ରସୂତିରୂପ (ସୃଷ୍ଟି) ରେ, ଅଶ୍ୱିନିକୁମାରଙ୍କ ବାହୁରୁ,

ପୂଷ୍ଣୋ ହସ୍ତାଭ୍ୟାମ୍ ତ୍ୱା ଆଦଦେ = ପୂଷା ର ହାତରେ ତୁମକୁ ବିସ୍ତୀର୍ଣ୍ଣ କରୁଛି |

ଦେବେଭ୍ୟଃ ଅଧ୍ୱରକୃତଂ = ଦେବତାଙ୍କ ପାଇଁ ଅହିଁସାମୟ କର୍ମ କରୁଥିବା (ତୁମକୁ ମୁଁ ଧାରଣ କରୁଛି) |

ଇନ୍ଦ୍ରସ୍ୟ ଦକ୍ଷିଣ: ବାହୁ: ଅସି = (ତୁମେ) ଇନ୍ଦ୍ରର ଡାହାଣ ବାହୁ ଅଟୁ |

ସହସ୍ରଭୃଷ୍ଟି: ଶତତେଜା: ତିଗ୍ମତେଜା: ବାୟୁ: ଅସି = (ତୁମେ) ଶତୃ ନାଶକ, ସହସ୍ର ତୀକ୍ଷ୍ଣ ତେଜ ଯୁକ୍ତ ପ୍ରାଣ ଅଟ |

ଦ୍ୱିଷତ: ବଧ: = (ତୁମେ) ଦ୍ୱେଷ୍ଟା ମାନଙ୍କ ବଧକାରୀ ଅଟ |

# ଶ୍ଳୋକ ୨୫

ପୃଥିବି ଦେବଯଜନ୍ୟୋଷଧ୍ୟାସ୍ତେ ମୂଳଂ ମା ହିଠ ସିଷଂ ବ୍ରଜଂ ଗାଛ ଗୋଷ୍ଠାନଂ ବର୍ଷତୁ ତେ ଦ୍ୟୌର୍ବଧାନ ଦେବ ସବିତ: ପରମସ୍ୟାଂ
ପୃଥିବ୍ୟାଠ ଶତେନ ପାଶୈର୍ଯୋଽସ୍ମାନ୍ଦ୍ୱେଷ୍ଟି ଯଂ ଚ ବୟଂ ଦ୍ୱିଷ୍ମସ୍ତମତୋ ମା ମୌକ୍ ||୧=୨୫||

# ଶବ୍ଦାର୍ଥ

ପୃଥିବି = ପୃଥିବୀ, ଦେବଯଜନି = (ଯେଉଁଠାରେ) ଦେବତାଙ୍କ ଯଜନ ହୁଏ (ଏପରି), ଓଷଧ୍ୟା: = ଔଷଧର, ତେ = ତୁମ ଉପରେ, ମୂଳଂ = ମୂଳକୁ, ମା = ନା, ହିଂସିଷଂ = କଷ୍ଟ ଦେବା, ବ୍ରଜଂ = ଗୋପାଳକ, ଗଛ = ଯାଅ, ଗୋଷ୍ଠାନଂ ବର୍ଷତୁ = ଗୋଶାଳା କୁ, ତେ = ତୁମ ଉପରେ, ଦ୍ୟୌ: = ଦ୍ୟୁଲୋକ, ବଧାନ = (ତାକୁ) ବାନ୍ଧି ଦିଅ, ଦେବ: = ଦେବ, ସବିତ: = ସୃଜନକର୍ତା, ପରମସ୍ୟାଂ = ଅସୀମ, ପୃଥିବ୍ୟାଂ = ପୃଥିବୀ ରେ, ଶତେନ = ଅସଂଖ୍ୟ, ପାଶୈ: = ଜାଲ ଦ୍ୱାରା, ଯଃ = ଯିଏ, ଅସ୍ମାନ୍ = ଆମକୁ, ଦ୍ୱେଷ୍ଟି = ଦ୍ୱେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ୱିଷ୍ମ: = ଦ୍ୱେଷକରୁ, ତଂ = ତାହାକୁ, ଅତ: = ସେହି, ମା = ନା, ମୌକ୍ = ଛାଡ

# ଅନ୍ୱୟାର୍ଥ

ଦେବଯଜନି ପୃଥିବି = (ଯେଉଁଠାରେ) ଦେବତାଙ୍କ ଯଜନ ହୁଏ (ଏପରି) ହେ ପୃଥିବୀ !

ତେ ଓଷଧ୍ୟା: ମୂଳଂ ମା ହିଂସିଷଂ = ତୁମ ଉପରେ (ଉଠୁଥିବା) ଔଷଧର ମୂଳକୁ କଷ୍ଟ ନ ହେଉ |

ବ୍ରଜଂ ଗୋଷ୍ଠାନଂ ଗଚ୍ଛ = ଗୋପାଳକମାନେ ଗୋଶାଳା କୁ ଯାଅ |

ଦ୍ୟୌ: ତେ ବର୍ଷତୁ = ଦ୍ୟୁଲୋକ ତୁମ ଉପରେ (ନିୟମିତ) ବୃଷ୍ଟି କରୁ |

ସବିତ: ଦେବ: = ହେ ସୃଜନକର୍ତା ଦେବତା !

ଯଃ ଅସ୍ମାନ୍ ଦ୍ୱେଷ୍ଟି ଯଂ ଚ ବୟଂ ଦ୍ୱିଷ୍ମ: ତଂ = ଯିଏ ଆମକୁ ଦ୍ୱେଷ କରେ ଓ ଯାହାକୁ ଆମେ ଦ୍ୱେଷକରୁ ତାହାକୁ

ପରମସ୍ୟାଂ ପୃଥିବ୍ୟାଂ ଶତେନ ପାଶୈ: ବଧାନ = ଅସୀମ ପୃଥିବୀ ରେ ଅସଂଖ୍ୟ ଜାଲ ଦ୍ୱାରା (ତାକୁ) ବାନ୍ଧି ଦିଅ

ଅତ: ତଂ ମା ମୌକ୍ = ଓ ତାକୁ ସେଠାରୁ ଛାଡ ନାହିଁ |

# ଶ୍ଳୋକ ୨୬

ଅପାରରୁଂ॑ ପୃଥିବ୍ୟୈ ଦେବଯଜ॑ନାଦ୍ୱଧ୍ୟାସଂ ବ୍ରଜଂ ଗ॑ଚ୍ଛ ଗୋଷ୍ଠାନଂ ବର୍ଷ॑ତୁ ତେ ଦ୍ୟୌର୍ବ॑ଧାନ ଦେ॑ବ ସବିତ: ପରମସ୍ୟାଂ॑ ପୃଥିବ୍ୟାꣳ ଶତେନ ପାଶୈର୍ଯୋ୍ଽସ୍ମାନ୍ଦ୍ୱେଷ୍ଟି ଯଂ ଚ॑ ବୟଂ ଦ୍ୱିଷ୍ମସ୍ତମତୋ ମା ମୌ॑କ୍ |

ଅର॑ରୋ ଦିବଂ ମା ପ॑ପ୍ତୋ ଦ୍ରପ୍ସସ୍ତେ ଦ୍ୟାଂ ମା ସ୍କ॑ନ୍ ବ୍ରଜଂ ଗ॑ଚ୍ଛ ଗୋଷ୍ଠାନଂ ବର୍ଷ॑ତୁ ତେ ଦ୍ୟୌର୍ବ॑ଧାନ ଦେ॑ବ ସବିତ: ପରମସ୍ୟାଂ॑ ପୃଥିବ୍ୟାꣳ ଶତେନ ପାଶୈର୍ଯୋ୍ଽସ୍ମାନ୍ଦ୍ୱେଷ୍ଟି ଯଂ ଚ॑ ବୟଂ ଦ୍ୱିଷ୍ମସ୍ତମତୋ ମା ମୌ॑କ୍ ||୧-୨୬||

# ଶବ୍ଦାର୍ଥ

ଅପ = (ଉପସର୍ଗ), ଅରରୁଂ = ଦୁଷ୍ଟମାନଙ୍କୁ, ପୃଥିବ୍ୟୈ = ପୃଥ୍ୱୀରେ, ଦେବଯଜନାତ୍ = ଦେବପୂଜା ସ୍ଥଳୀ ରୁ, ବଧ୍ୟାସଂ = ହଟେଇ ଦେଉଛି, ବ୍ରଜଂ = ଗୋପାଳକ, ଗଚ୍ଛ = ଯାଅ, ଗୋଷ୍ଠାନଂ ବର୍ଷତୁ = ଗୋଶାଳା କୁ, ତେ = ତୁମ ଉପରେ, ଦ୍ୟୌ: = ଦ୍ୟୁଲୋକ, ବଧାନ = (ତାକୁ) ବାନ୍ଧି ଦିଅ, ଦେବ: = ଦେବ, ସବିତ: = ସୃଜନକର୍ତା, ପରମସ୍ୟାଂ = ଅସୀମ, ପୃଥିବ୍ୟାଂ = ପୃଥିବୀ ରେ, ଶତେନ = ଅସଂଖ୍ୟ, ପାଶୈ: = ଜାଲ ଦ୍ୱାରା, ଯଃ = ଯିଏ, ଅସ୍ମାନ୍ = ଆମକୁ, ଦ୍ୱେଷ୍ଟି = ଦ୍ୱେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ୱିଷ୍ମ: = ଦ୍ୱେଷକରୁ, ତଂ = ତାହାକୁ, ଅତ: = ସେହି, ମା = ନା, ମୌକ୍ = ଛାଡ, ଅରରୋ = ଆରେ ଦୁରାତ୍ମା !, ଦିବଂ = (ନିଜର) ସ୍ୱର୍ଗ ଧାମ କୁ, ମା = ନା, ପପ୍ତୋ = କ୍ଷତି ପହୁଞ୍ଚାଅ, ଦ୍ରପ୍ସ: = ସତ୍ୱରସ, ତେ = ତୋର, ଦ୍ୟାଂ = ଦ୍ୟୁଲୋକର, ମା = ନା, ସ୍କନ୍ = ଅବରୁଦ୍ଧ କରୁ, ବ୍ରଜଂ = ଗୋପାଳକ, ଗଚ୍ଛ = ଯାଅ, ଗୋଷ୍ଠାନଂ ବର୍ଷତୁ = ଗୋଶାଳା କୁ, ତେ = ତୁମ ଉପରେ, ଦ୍ୟୌ: = ଦ୍ୟୁଲୋକ, ବଧାନ = (ତାକୁ) ବାନ୍ଧି ଦିଅ, ଦେବ: = ଦେବ, ସବିତ: = ସୃଜନକର୍ତା, ପରମସ୍ୟାଂ = ଅସୀମ, ପୃଥିବ୍ୟାଂ = ପୃଥିବୀ ରେ, ଶତେନ = ଅସଂଖ୍ୟ, ପାଶୈ: = ଜାଲ ଦ୍ୱାରା, ଯଃ = ଯିଏ, ଅସ୍ମାନ୍ = ଆମକୁ, ଦ୍ୱେଷ୍ଟି = ଦ୍ୱେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ୱିଷ୍ମ: = ଦ୍ୱେଷକରୁ, ତଂ = ତାହାକୁ, ଅତ: = ସେହି, ମା = ନା, ମୌକ୍ = ଛାଡ

# ଅନ୍ୱୟାର୍ଥ

ପୃଥିବ୍ୟୈ ଦେବଯଜନାତ୍ ଅରରୁଂ ଅପବଧାସଂ = ପୃଥ୍ୱୀରେ ସ୍ଥିତ ଦେବପୂଜା ସ୍ଥଳୀ ରୁ ଦୁଷ୍ଟମାନଙ୍କୁ ହଟେଇ ଦେଉଛି |

ବ୍ରଜଂ ଗୋଷ୍ଠାନଂ ଗଛ = ଗୋପାଳକମାନେ ଗୋଶାଳା କୁ ଯାଅ |

ଦ୍ୟୌ: ତେ ବର୍ଷତୁ = ଦ୍ୟୁଲୋକ ତୁମ ଉପରେ (ନିୟମିତ) ବୃଷ୍ଟି କରୁ |

ସବିତ: ଦେବ: = ହେ ସୃଜନକର୍ତା ଦେବତା !

ଯଃ ଅସ୍ମାନ୍ ଦ୍ୱେଷ୍ଟି ଯଂ ଚ ବୟଂ ଦ୍ୱିଷ୍ମ: ତଂ = ଯିଏ ଆମକୁ ଦ୍ୱେଷ କରେ ଓ ଯାହାକୁ ଆମେ ଦ୍ୱେଷକରୁ ତାହାକୁ

ପରମସ୍ୟାଂ ପୃଥିବ୍ୟାଂ ଶତେନ ପାଶୈ: ବଧାନ = ଅସୀମ ପୃଥିବୀ ରେ ଅସଂଖ୍ୟ ଜାଲ ଦ୍ୱାରା (ତାକୁ) ବାନ୍ଧି ଦିଅ

ଅତ: ତଂ ମା ମୌକ୍ = ଓ ତାକୁ ସେଠାରୁ ଛାଡ ନାହିଁ |

ଅରରୋ = ଆରେ ଦୁରାତ୍ମା !

ଦିବଂ ମା ପପ୍ତ: = (ନିଜର) ସ୍ୱର୍ଗ ଧାମ କୁ କ୍ଷତି ପହୁଞ୍ଚାଅ ନାହିଁ |

ତେ ଦ୍ରପ୍ସ: ଦ୍ୟାଂ ମା ସ୍କନ୍ = ତୋର ସତ୍ୱରସ ଦ୍ୟୁଲୋକର ମାର୍ଗକୁ ଅବରୁଦ୍ଧ ନ କରୁ |

ବ୍ରଜଂ ଗୋଷ୍ଠାନଂ ଗଛ = ଗୋପାଳକମାନେ ଗୋଶାଳା କୁ ଯାଅ |

ଦ୍ୟୌ: ତେ ବର୍ଷତୁ = ଦ୍ୟୁଲୋକ ତୁମ ଉପରେ (ନିୟମିତ) ବୃଷ୍ଟି କରୁ |

ସବିତ: ଦେବ: = ହେ ସୃଜନକର୍ତା ଦେବତା !

ଯଃ ଅସ୍ମାନ୍ ଦ୍ୱେଷ୍ଟି ଯଂ ଚ ବୟଂ ଦ୍ୱିଷ୍ମ: ତଂ = ଯିଏ ଆମକୁ ଦ୍ୱେଷ କରେ ଓ ଯାହାକୁ ଆମେ ଦ୍ୱେଷକରୁ ତାହାକୁ

ପରମସ୍ୟାଂ ପୃଥିବ୍ୟାଂ ଶତେନ ପାଶୈ: ବଧାନ = ଅସୀମ ପୃଥିବୀ ରେ ଅସଂଖ୍ୟ ଜାଲ ଦ୍ୱାରା (ତାକୁ) ବାନ୍ଧି ଦିଅ

ଅତ: ତଂ ମା ମୌକ୍ = ଓ ତାକୁ ସେଠାରୁ ଛାଡ ନାହିଁ |

# ଶ୍ଳୋକ ୨୭

ଗା॒ୟ॒ତ୍ରେଣ॑ ତ୍ୱା॒ ଛନ୍ଦ॑ସା॒ ପରି॑ଗୃହ୍ଣାମି ତ୍ରୈଷ୍ଟୁ॑ଭେନ ତ୍ୱା॒ ଛନ୍ଦ॑ସା॒ ପରି॑ଗୃହ୍ଣାମି ଜାଗ॑ତେନ ତ୍ୱା॒ ଛନ୍ଦ॑ସା॒ ପରି॑ଗୃହ୍ଣାମି |

ସୁ॒କ୍ଷ୍ମା ଚାସି॑ ଶି॒ବା ଚା॑ସି ସ୍ୟୋ॒ନା ଚାସି॑ ସୁ॒ଷଦା॑ ଚା॒ସ୍ୟୂର୍ଜ॑ସ୍ୱ॒ତୀ ଚାସି॒ ପୟ॑ସ୍ୱତୀ ଚ ||୧-୨୭||

# ଶବ୍ଦାର୍ଥ

ଗାୟତ୍ରେଣ = ଗାୟତ୍ରୀ, ତ୍ୱା = ତୁମକୁ, ଛନ୍ଦସା = ଛନ୍ଦଦ୍ୱାରା, ପରିଗୃହ୍ଣାମି = ଗ୍ରହଣ କରୁଛି, ତ୍ରୈଷ୍ଟୁଭେନ = ତିନି ସ୍ତବନ ର, ତ୍ୱା = ତୁମକୁ, ଛନ୍ଦସା = ଛନ୍ଦଦ୍ୱାରା, ପରିଗୃହ୍ଣାମି = ଗ୍ରହଣ କରୁଛି, ଜାଗତେନ = ଜଗତର, ତ୍ୱା = ତୁମକୁ, ଛନ୍ଦସା = ଛନ୍ଦଦ୍ୱାରା, ପରିଗୃହ୍ଣାମି = ଗ୍ରହଣ କରୁଛି, ସୁକ୍ଷ୍ମା = ବଳଦାୟୀ, ଚ = ଓ, ଅସି = ଅଟ, ଶିବା = କଲ୍ୟାଣକାରୀ, ଚ = ଓ, ଅସି = ଅଟ, ସ୍ୟୋନା = ଆନନ୍ଦଦାୟକ, ଚ = ଓ, ଅସି = ଅଟ, ସୁଷଦା = ଉପବେଶନ ଶକାସେ ଶ୍ରେଷ୍ଠ ସ୍ଥାନ ଦାୟକ, ଚ = ଓ, ଅସି = ଅଟ, ଉର୍ଜସ୍ୱତୀ = ଅନ୍ନମୟୀ, ଚ = ଓ, ଅସି = ଅଟ, ପୟସ୍ୱତୀ = ଦୁଗ୍ଧଦାୟୀ, ଚ = ଓ, ଅସି = ଅଟ

# ଅନ୍ୱୟାର୍ଥ

ଗାୟତ୍ରେଣ ଛନ୍ଦସା ତ୍ୱା ପରିଗୃହ୍ଣାମି = (ପ୍ରାଣ ରକ୍ଷକ) ଗାୟତ୍ରୀ ଛନ୍ଦଦ୍ୱାରା ତୁମକୁ ଗ୍ରହଣ କରୁଛି |

ତ୍ରୈଷ୍ଟୁଭେନ ଛନ୍ଦସା ତ୍ୱା ପରିଗୃହ୍ଣାମି = ତିନି ସ୍ତବନ ଯୁକ୍ତ ଛନ୍ଦଦ୍ୱାରା ତୁମକୁ ଗ୍ରହଣ କରୁଛି |

ଜାଗତେନ ଛନ୍ଦସା ତ୍ୱା ପରିଗୃହ୍ଣାମି = ଜଗତର ଛନ୍ଦଦ୍ୱାରା ତୁମକୁ ଗ୍ରହଣ କରୁଛି |

ସୁକ୍ଷ୍ମା ଚ ଅସି ଶିବା ଚ ଅସି ସ୍ୟୋନା ଚ ଅସି ସୁଷଦା ଚ ଅସି ଉର୍ଜସ୍ୱତୀ ଚ ଅସି ପୟସ୍ୱତୀ ଚ ଅସି = (ହେ ମାତୃଭୂମି ! ତୁମେ)ବଳଦାୟୀ,

କଲ୍ୟାଣକାରୀ, ଉପବେଶନ ଶକାସେ ଶ୍ରେଷ୍ଠ ସ୍ଥାନ ଦାୟୀ, ଅନ୍ନମୟୀ ତଥା ଦୁଗ୍ଧଦାୟୀ ଅଟ |

# ଶ୍ଳୋକ ୨୮

ପୁ॒ରା କ୍ରୁ॒ରସ୍ୟ॑ ବି॒ସୃପୋ॑ ବିରପ୍ଶିନ୍ନୁ॒ଦା॒ଦାୟ॑ ପୃଥି॒ବୀଂ ଜୀ॒ବଦା॑ନୁମ୍ |

ଯାମୈର॑ୟଁଶ୍ଚ॒ନ୍ଦ୍ର॒ମ॑ସି ସ୍ୱ॒ଧାଭି॒ସ୍ତାମୁ॒ ଧୀରା॑ସୋ ଅନୁ॒ଦିଶ୍ୟ॑ ଯଜନ୍ତେ |

ପ୍ରୋକ୍ଷ॑ଣୀ॒ରାସା॑ଦୟ ଦ୍ୱିଷ॒ତୋ ବ॒ଧୋ॒ଽସି ||୧-୨୮||

# ଶବ୍ଦାର୍ଥ

ପୁରା = ପ୍ରଥମେ, କ୍ରୁରସ୍ୟ = ଯୁଦ୍ଧ, ବିସୃପ: = ଉଭୟ ଦଳ ମଧ୍ୟରେ, ବିରପ୍ଶିନ୍ = ହେ ବିଜ୍ଞାନୀ !, ଉଦାଦାୟ = ବୁଦ୍ଧିମାନ ଲୋକେ (ତାହାର), ପୃଥିବୀଂ = ମାତୃଭୂମି ର, ଜୀବଦାନୁମଂ = ଉଦ୍ଧାର ପାଇଁ, ଯାଂ = ଯେଉଁ, ଐରୟନ୍ = ଧାରକ ଶକ୍ତି ଦ୍ୱାରା, ଚନ୍ଦ୍ରଂ = ଚନ୍ଦ୍ରକୁ (ପଠାନ୍ତି), ଅସି = ଅଛି, ସ୍ୱଧାଭି: = ସେହି ଭୂମି କୁ, ତାଂ = ସେହି, ଉ ଧୀରାସ: = ଅନୁଦିଶ୍ୟ = ଉଦ୍ଦେଶ୍ୟ ନେଇ, ଯଜନ୍ତେ = ଆତ୍ମଯଜ୍ଞ କରନ୍ତି, ପ୍ରୋକ୍ଷଣୀ: = ଶୁଦ୍ଧ କାରକ, ଆସାଦୟ = ପାଖରେ ରଖ, ଦ୍ୱିଷତଃ = ଦ୍ୱେଷକାରୀ କୁ, ବଧଃ = ବଧ, ଅସି = ଅଟ

# ଅନ୍ୱୟାର୍ଥ

ବିରପ୍ସିନ୍ = ହେ ବିଜ୍ଞାନୀ !

ବିସୃପ: କ୍ରୂରସ୍ୟ ପୁରା ଯାଂ ଜୀବଦାନୁମଂ ପୃଥିବୀଂ = ଉଭୟ ଦଳ ମଧରେ ଯୁଦ୍ଧ ହେବା ପୂର୍ବରୁ ଯେଉଁ ମାତୃଭୂମି ର ଉଦ୍ଧାର ପାଇଁ

ଉଦାଦାୟ = ବୁଦ୍ଧିମାନ ଲୋକେ

ଧୀରାସ: ତାଂ ଅନୁଦିଶ୍ୟ ଯଜନ୍ତେ = ତାହାରି ଉଦ୍ଦ୍ୟେଶ୍ୟରେ ହିଁ ଆତ୍ମଯଜ୍ଞ କରନ୍ତି,

ସ୍ୱଧାଭି: ଚନ୍ଦ୍ରଂ ଐରୟନ୍ = ସେହି ଭୂମି କୁ ନିଜ ଧାରକ ଶକ୍ତି ଦ୍ୱାରା (ସତେ ଯେପରି) ଚନ୍ଦ୍ରକୁ (ପ୍ରେରିତ କରନ୍ତି) |

ପ୍ରୋକ୍ଷଣୀ: ଆସାଦୟ = ଶୁଦ୍ଧ କାରୀ କୁ ପାଖରେ ରଖ |

ଦ୍ୱିଷତଃ ବଧଃ ଅସି = (ତୁମେ) ଦ୍ୱେଷକାରୀ ର ବିନାଶକ ଅଟ |

# ଶ୍ଳୋକ ୨୯

ପ୍ରତ୍ୟୁ॑ଷ୍ଟó ରକ୍ଷ: ପ୍ରତ୍ୟୁ॑ଷ୍ଟା ଅରା॑ତୟୋ ନିଷ୍ଟ॑ପ୍ତó ରକ୍ଷୋ ନିଷ୍ଟ॑ପ୍ତା ଅରା॑ତୟ: |

ଅନି॑ଶିତୋଽସି ସପତ୍ନକ୍ଷିଦ୍ବାଜିନଂ॑ ତ୍ୱା ବାଜେଧ୍ୟାୟୈ ସମ୍ମା॑ର୍ଜ୍ମି |

ପ୍ରତ୍ୟୁ॑ଷ୍ଟó ରକ୍ଷ: ପ୍ରତ୍ୟୁ॑ଷ୍ଟା ଅରା॑ତୟୋ ନିଷ୍ଟ॑ପ୍ତó ରକ୍ଷୋ ନିଷ୍ଟ॑ପ୍ତା ଅରା॑ତୟ: |

ଅନି॑ଶିତୋଽସି ସପତ୍ନକ୍ଷିଦ୍ବାଜିନଂ॑ ତ୍ୱା ବାଜେଧ୍ୟାୟୈ ସମ୍ମା॑ର୍ଜ୍ମି ||୧-୨୯||

# ଶବ୍ଦାର୍ଥ

ପ୍ରତ୍ୟୁଷ୍ଟଂ = ପରାଭୂତ ହେଲେ, ରକ୍ଷ: = ରାକ୍ଷସ (ଦୁଷ୍ଟ), ପ୍ରତ୍ୟୁଷ୍ଟା: = ପରାଭୂତ (ନିଷ୍ପ୍ରଭ) ହେଲେ, ଅରାତୟ: = ଅନୁଦାର (ଆତତାୟୀ), ନିଷ୍ଟପ୍ତଂ = ଭଷ୍ମ ହୋଇ ଗଲେ, ରକ୍ଷ: = ରାକ୍ଷସ, ନିଷ୍ଟପ୍ତା: = ଭଷ୍ମ ହୋଇ ଗଲେ, ଅରାତୟ: = ଅନୁଦାର ଲୋକ, ଅନିଶିତ: = ଅତି ତୀକ୍ଷ୍ଣ ଶସ୍ତ୍ର, ଅସି = ଅଟ, ସପତ୍ନକ୍ଷିତ୍ = ଶତ୍ରୁ ନାଶକ, ବାଜିନଂ = ବଳବାନ, ତ୍ୱା = ତୁମେ, ବାଜେଧ୍ୟାୟୈ = ବଳ ପାଇଁ, ସମ୍ମାର୍ଜ୍ମି = ପବିତ୍ର କରୁଛି, ପ୍ରତ୍ୟୁଷ୍ଟଂ = ପରାଭୂତ ହେଲେ, ରକ୍ଷ: = ରାକ୍ଷସ (ଦୁଷ୍ଟ), ପ୍ରତ୍ୟୁଷ୍ଟା: = ପରାଭୂତ (ନିଷ୍ପ୍ରଭ) ହେଲେ, ଅରାତୟ: = ଅନୁଦାର (ଆତତାୟୀ), ନିଷ୍ଟପ୍ତଂ = ଭଷ୍ମ ହୋଇ ଗଲେ, ରକ୍ଷ: = ରାକ୍ଷସ, ନିଷ୍ଟପ୍ତା: = ଭଷ୍ମ ହୋଇ ଗଲେ, ଅରାତୟ: = ଅନୁଦାର ଲୋକ,

ଅନିଶିତ: = ଅତି ତୀକ୍ଷ୍ଣ ଶସ୍ତ୍ର, ଅସି = ଅଟ, ସପତ୍ନକ୍ଷିତ୍ = ଶତ୍ରୁ ନାଶକ, ବାଜିନଂ = ବଳବାନ, ତ୍ୱା = ତୁମେ, ବାଜେଧ୍ୟାୟୈ = ବଳ ପାଇଁ, ସମ୍ମାର୍ଜ୍ମି = ପବିତ୍ର କରୁଛି

# ଅନ୍ୱୟାର୍ଥ

ରକ୍ଷ: ପ୍ରତ୍ୟୁଷ୍ଟଂ = ରାକ୍ଷସ (ଦୁଷ୍ଟ) ପରାଭୂତ ହେଲେ |

ଅରାତୟ: ପ୍ରତ୍ୟୁଷ୍ଟା: = ଅନୁଦାର (ଆତତାୟୀ) ଲୋକ ପରାଭୂତ (ନିଷ୍ପ୍ରଭ) ହେଲେ |

ରକ୍ଷ: ନିଷ୍ଟପ୍ତଂ = ରାକ୍ଷସ ଭସ୍ମ ହୋଇ ଗଲେ |

ଅରାତୟ: ନିଷ୍ଟପ୍ତା: = ଅନୁଦାର ଲୋକ ଭସ୍ମ ହୋଇ ଗଲେ |

ତ୍ୱା ଅନିଶିତ: ସପତ୍ନକ୍ଷିତ୍ ବାଜିନଂ ଅସି = ତୁମେ ଶତ୍ରୁ ନାଶକ ଅତି ତୀକ୍ଷ୍ଣ ଶସ୍ତ୍ର ତଥା ବଳବାନ ଅଟ |

ବାଜେଧ୍ୟାୟୈ ସମ୍ମାର୍ଜ୍ମି = ବଳ ପାଇଁ ତୁମକୁ ପବିତ୍ର କରୁଛି |

ରକ୍ଷ: ପ୍ରତ୍ୟୁଷ୍ଟଂ = ରାକ୍ଷସ (ଦୁଷ୍ଟ) ପରାଭୂତ ହେଲେ |

ଅରାତୟ: ପ୍ରତ୍ୟୁଷ୍ଟା: = ଅନୁଦାର (ଆତତାୟୀ) ଲୋକ ପରାଭୂତ (ନିଷ୍ପ୍ରଭ) ହେଲେ |

ରକ୍ଷ: ନିଷ୍ଟପ୍ତଂ = ରାକ୍ଷସ ଭସ୍ମ ହୋଇ ଗଲେ |

ଅରାତୟ: ନିଷ୍ଟପ୍ତା: = ଅନୁଦାର ଲୋକ ଭସ୍ମ ହୋଇ ଗଲେ |

ତ୍ୱା ଅନିଶିତ: ସପତ୍ନକ୍ଷିତ୍ ବାଜିନଂ ଅସି = ତୁମେ ଶତ୍ରୁ ନାଶକ ଅତି ତୀକ୍ଷ୍ଣ ଶସ୍ତ୍ର ତଥା ବଳବାନ ଅଟ |

ବାଜେଧ୍ୟାୟୈ ସମ୍ମାର୍ଜ୍ମି = ବଳ ପାଇଁ ତୁମକୁ ପବିତ୍ର କରୁଛି |

# ଶ୍ଲୋକ ୩୦

ଅଦି॑ତ୍ୟୈ॒ ରାସ୍ନା॑ସି॒ ବିଷ୍ଣୋର୍ବେ॒ଷ୍ପୋ॒ଽସ୍ୟୂ॒ର୍ଜେ ତ୍ୱା ଽଦ॑ବ୍ଧେନ ତ୍ୱା॒ ଚକ୍ଷୁ॒ଷାବ॑ପଶ୍ୟାମି |

ଅ॒ଗ୍ନେର୍ଜି॒ହ୍ୱାସି॑ ସୁ॒ହୂର୍ଦେ॒ବେଭ୍ୟୋ॒ ଧାମ୍ନେ॑ ଧାମ୍ନେ ମେ ଭବ॒ ଯଜୁ॑ଷେ ଯଜୁଷେ ||୧-୩୦||

# ଶବ୍ଦାର୍ଥ

ଅଦିତ୍ୟୈ = ସ୍ୱତନ୍ତ୍ରତା ପାଇଁ, ରାସ୍ନା = ମେଖଳା, ଅସି = ଅଟ, ବିଷ୍ଣୋ: = ବ୍ୟାପକ ପରମାତ୍ମାଙ୍କ, ବେଷ୍ପ: = ଘର, ଅସି = ଅଟ, ଊର୍ଜେ = ଊର୍ଜା ପାଇଁ, ତ୍ୱା = ତୁମକୁ, ଅଦବ୍ଧେନ = ନିର୍ମିମେଷ, ତ୍ୱା = ତୁମକୁ, ଚକ୍ଷୁଷା = ଆଖିରେ, ଅବପଶ୍ୟାମି = ଦେଖୁଛି, ଅଗ୍ନେ: = ଅଗ୍ନିର, ଜିହ୍ୱା = ଜିହ୍ୱା, ଅସି = ଅଟ, ସୁହୁ: = ଉତ୍ତମ ଆହ୍ୱାନ କାରୀ, ଦେବେଭ୍ୟ: = ଦେବତାଙ୍କ, ଧାମ୍ନେ ଧାମ୍ନେ = ଘରେ ଘରେ, ମେ = ମୋର, ଭବ = ହୁଅ, ଯଜୁଷେ ଯଜୁଷେ = ପ୍ରତ୍ୟେକ ଯଜ୍ଞରେ

# ଅନ୍ବୟାର୍ଥ

ଅଦିତ୍ୟୈ ରାସ୍ନା ଅସି = (ତୁମେ) ସ୍ୱତନ୍ତ୍ରତା ପାଇଁ ମେଖଳା(ବଡ୍) ଅଟ |

ବିଷ୍ଣୋ: ବେଷ୍ପ: ଅସି = ବ୍ୟାପକ ପରମାତ୍ମାଙ୍କ ଘର ଅଟ |

ଊର୍ଜେ ତ୍ୱା = ଊର୍ଜା ପାଇଁ ତୁମକୁ (ପ୍ରାପ୍ତ କରୁଛି) |

ଅଦବ୍ଧେନ ଚକ୍ଷୁଷା ତ୍ୱା ଅବପଶ୍ୟାମି = ନିର୍ମିମେଷ ନୟନରେ ତୁମକୁ ଅବଲୋକନ କରୁଛି |

ଅଗ୍ନେ: ଜିହ୍ୱା ଅସି = ଅଗ୍ନିର ଜିହ୍ୱା ଅଟ | (ନିଜ ବାଣୀ ରେ ସର୍ବତ୍ର ଜ୍ଞାନ ଜ୍ୟୋତି ଉଦ୍ଭାଷିତ କର) |

ମେ ଧାମ୍ନେ ଧାମ୍ନେ ଯଜୁଷେ ଯଜୁଷେ ଦେବେଭ୍ୟ: ସୁହୁ: ଭବ = ମୋର ଘରେ ଘରେ, ପ୍ରତ୍ୟେକ ଯଜ୍ଞରେ ଦେବତାଙ୍କ ଉତ୍ତମ ଆବାହକ ହୁଅ |

# ଶ୍ଳୋକ ୩୧

ସ॒ବି॒ତୁସ୍ତ୍ୱା॑ ପ୍ର॒ସ॒ବ ଉତ୍ପୂ॑ନା॒ମ୍ୟଚ୍ଛି॑ଦ୍ରେଣ ପ॒ବିତ୍ରେ॑ଣ॒ ସୂର୍ଯ୍ୟ॑ସ୍ୟ ର॒ଶ୍ମିଭି॑: |

ସ॒ବି॒ତୁର୍ବ॑: ପ୍ର॒ସ॒ବ ଉତ୍ପୂ॑ନା॒ମ୍ୟଚ୍ଛି॑ଦ୍ରେଣ ପ॒ବିତ୍ରେ॑ଣ॒ ସୂର୍ଯ୍ୟ॑ସ୍ୟ ର॒ଶ୍ମିଭି॑: |

ତେଜୋ॑ଽସି ଶୁ॒କ୍ରମ॑ସ୍ୟ॒ମୃତ॑ମସି॒ ଧାମ॒ ନାମା॑ସି ପ୍ରି॒ୟଂ ଦେ॒ବା॒ନା॒ମନା॑ଧୃଷ୍ଟଂ ଦେ॒ବ॒ଯଜ॑ନମସି ||୧-୩୧||

# ଶବ୍ଦାର୍ଥ

ସବିତୁ: = ସୃଜନ କର୍ତ୍ତା ଦେବଙ୍କ, ତ୍ୱା: = ତୁମକୁ, ପ୍ରସବେ = ସୃଷ୍ଟି ରେ, ଉତ୍ପୂନାମି = ଭଲଭାବେ ପବିତ୍ର କରୁଛି, ଅଚ୍ଛିଦ୍ରେଣ = ଛିଦ୍ର ରହିତ, ପବିତ୍ରେଣ = ପବିତ୍ର, ସୂର୍ଯ୍ୟସ୍ୟ = ସୂର୍ଯ୍ୟଙ୍କ, ରଶ୍ମିଭି: = ରଶ୍ମି ଦ୍ୱାରା, ସବିତୁ: = ସୃଜନ କର୍ତ୍ତା ଦେବଙ୍କ, ବ: = ତୁମକୁ, ପ୍ରସବେ = ସୃଷ୍ଟି ରେ, ଉତ୍ପୂନାମି = ଭଲଭାବେ ପବିତ୍ର କରୁଛି, ଅଚ୍ଛିଦ୍ରେଣ = ଛିଦ୍ର ରହିତ, ପବିତ୍ରେଣ = ପବିତ୍ର, ସୂର୍ଯ୍ୟସ୍ୟ = ସୂର୍ଯ୍ୟଙ୍କ, ରଶ୍ମିଭି: = ରଶ୍ମି ଦ୍ୱାରା, ତେଜ: = ତେଜ, ଅସି = ଅଟ, ଶୁକ୍ରଂ = ବୀର୍ଯ୍ୟ,ଅସି = ଅଟ, ଅମୃତଂ = ଅମୃତ, ଅସି = ଅଟ, ଧାମ = ସ୍ଥାନ, ନାମ = ନାଁ, ଅସି = ଅଟ, ପ୍ରିୟଂ = ପ୍ରିୟ, ଦେବାନାଂ = ଦେବତାଙ୍କ, ଅନାଧୃଷ୍ଟଂ = ଦବି ନ ଯିବା, ଦେବଯଜନଂ = ଦେବ ଯଜ୍ଞ, ଅସି = ଅଟ

# ଅନ୍ବୟାର୍ଥ

ସବିତୁ: ପ୍ରସବେ ଅଚ୍ଛିଦ୍ରେଣ ପବିତ୍ରେଣ ସୂର୍ଯ୍ୟସ୍ୟ ରସ୍ମିଭି: ତ୍ୱା ଉତ୍ପୂନାମି = ସୃଜନ କର୍ତ୍ତା ଦେବଙ୍କ ସୃଷ୍ଟି ରେ ଛିଦ୍ର ରହିତ ସୂର୍ଯ୍ୟଙ୍କ ରଶ୍ମି ଦ୍ୱାରା ତୁମକୁ ଭଲଭାବେ ପବିତ୍ର କରୁଛି |

ସବିତୁ: ପ୍ରସବେ ଅଚ୍ଛିଦ୍ରେଣ ପବିତ୍ରେଣ ସୂର୍ଯ୍ୟସ୍ୟ ରଶ୍ମିଭି: ବ: ଉପୁନାମି = ସୃଜନ କର୍ତ୍ତା ଦେବଙ୍କ ସୃଷ୍ଟି ରେ ଛିଦ୍ର ରହିତ ସୂର୍ଯ୍ୟଙ୍କ ରଶ୍ମି ଦ୍ୱାରା ତୁମକୁ ଭଲଭାବେ ପବିତ୍ର କରୁଛି |

ତେଜ: ଅସି ଶୁକ୍ରଂ ଅସି ଅମୃତଂ ଅସି ଧାମ ନାମ ଅସି = ତୁମେ ତେଜ, ବୀର୍ଯ୍ୟ, ଅମୃତ, ସ୍ଥାନ, ତଥା ଯଜ୍ଞ ଅଟ |

ଦେବାନାଂ ପ୍ରିୟଂ ଅନାଧୃଷ୍ଟଂ ଦେବଯଜନଂ ଅସି = ତୁମେ ଦେବତାଙ୍କ= ପ୍ରିୟ ତଥା କୌଣସି ଚାପର ବଶବର୍ତି ହୋଇ ନଥିବା ଦେବଯଜ୍ଞ ଅଟ |

---------------------------------------------------------------------

---------------------------------------------------------------------